रजिस्ट्री सं० डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII—ଖଣ୍ଡ I

प्राधिकार से प्रकाशित
PUBLISHED BY THE AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6
ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6

## MINISTRY OF LAW, JUSTICE AND COMPANY AFFAIRS

### (Legislative Department)

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବିଭାଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମ୍ୟୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲାଇୟାବିଲିଟି ଏକ୍ଟ, 1938, (12) ଦି କୋରେନରସ ଆକ୍ଟ, 1871, (13) ଦି ହିନ୍ଦୁ ଯାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭାଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଅଭିଭାବକ ଓ ପ୍ରତିପାଲ୍ୟ ଅଧିନିୟମ, 1890

( 1890 ର ଅଧିନିୟମ ସଂ 8 )

**ଅଭିଭାବକ ଓ ପ୍ରତିପାଲ୍ୟ ସଂପର୍କୀୟ ବିଧିର ଏକତ୍ରୀକରଣ ଓ ସଂଶୋଧନ କରିବା ନିମିତ୍ତ ଏକ ଅଧିନିୟମ ।**

[21 ମାର୍ଚ୍ଚ, 1890]

ଯେହେତୁ ଅଭିଭାବକ ଓ ପ୍ରତିପାଲ୍ୟ ସଂପର୍କୀୟ ବିଧିକୁ ଏକତ୍ର କରିବା ଓ ସଂଶୋଧନ କରିବା ସମୀଚୀନ ଅଟେ ତେଣୁ ଏତଦ୍ୱାରା ନିମ୍ନୋକ୍ତ ମତେ ଅଧିନିୟମିତ ହେଲା ।

## ଅଧ୍ୟାୟ I

### ପ୍ରାଥମିକ

ନାମ, ବିସ୍ତାର ଓ ପ୍ରାରମ୍ଭ ।

1. (1) ଏହି ଅଧିନିୟମ ଅଭିଭାବକ ଓ ପ୍ରତିପାଲ୍ୟ ଅଧିନିୟମ, 1890 ନାମରେ ଅଭିହିତ ହେବ ।

(2) ଏହା ଜାମ୍ମୁ ଓ କାଶ୍ମୀର ରାଜ୍ୟ ଭିନ୍ନ ସମଗ୍ର ଭାରତ ପ୍ରତି ବିସ୍ତାରିତ ।

(3) 1890 ମସିହା ଜୁଲାଇ ପ୍ରଥମ ଦିନରୁ ଏହା ପ୍ରବୃତ୍ତ ହେବ ।

2. ନିରସିତ

ପ୍ରତିପାଲ୍ୟ ଅଧିକରଣ ଓ ଚାର୍ଟାର୍ଡ ଉଚ୍ଚ ନ୍ୟାୟାଳୟ ଅଧିକାରିତାର ବ୍ୟାବୃତ୍ତି ।

3. ଏହି ଅଧିନିୟମ ଯେଉଁ ରାଜ୍ୟ ପ୍ରତି ବିସ୍ତାରିତ ସେହି ରାଜ୍ୟରେ କୌଣସି କ୍ଷମତାପନ୍ନ ବିଧାନମଣ୍ଡଳ, ପ୍ରାଧିକାରୀ ବା ବ୍ୟକ୍ତିଙ୍କ ଦ୍ୱାରା କୌଣସି ପ୍ରତିପାଲ୍ୟ ଅଧିକରଣ ସଂପର୍କରେ ଏଥି ପୂର୍ବରୁ ହୋଇଥିବା ବା ଏହାପରେ ହେବା ପ୍ରତ୍ୟେକ ଅଧିନିୟମର ବଶବର୍ତ୍ତୀ ରହି ଏହି ଅଧିନିୟମ ପାଠ କରାଯିବ ଏବଂ ଏହି ଅଧିନିୟମରେ ଥିବା କୌଣସି ବିଷୟ କୌଣସି ପ୍ରତିପାଲ୍ୟ ଅଧିକରଣର ଅଧିକାରିତା ବା ପ୍ରାଧିକାରକୁ ପ୍ରଭାବିତ କରେ ବା କୌଣସି ମତେ ଅଳ୍ପୀକୃତ କରେ କିମ୍ବା କୌଣସି ଉଚ୍ଚ ନ୍ୟାୟାଳୟରେ ଥିବା କୌଣସି କ୍ଷମତାକୁ କାଢିନିଏ ବୋଲି ଅର୍ଥ କରାଯିବନାହିଁ ।

ସଂଜ୍ଞା

4. ବିଷୟ ବା ପ୍ରସଙ୍ଗଗତ କୌଣସି ଅସଙ୍ଗତି ନ ଥିଲେ ଏହି ଅଧିନିୟମରେ,—

(1) "ନାବାଳକ" ଅର୍ଥ ଭାରତୀୟ ଅଧିନିୟମ, 1875ର ଉପବନ୍ଧ ଅଧୀନରେ ଯେଉଁ ବ୍ୟକ୍ତି ସାବାଳକ ହୋଇ ନାହାନ୍ତି ବୋଲି ବିବେଚିତ ହେବାକଥା ସେହି ବ୍ୟକ୍ତି,

(2) "ଅଭିଭାବକ" ଅର୍ଥ କୌଣସି ନାବାଳକର ଶରୀରର କିମ୍ବା ତାହାର ସଂପତ୍ତିର କିମ୍ବା ତାହାର ଶରୀର ଓ ସଂପତ୍ତି ଉଭୟର ଯତ୍ନ ନେଉଥିବା କୌଣସି ବ୍ୟକ୍ତି,

(3) "ପ୍ରତିପାଲ୍ୟ" ଅର୍ଥ କୌଣସି ନାବାଳକ ଯାହାର ଶରୀର ବା ସଂପତ୍ତି କିମ୍ବା ଉଭୟ ନିମିତ୍ତ ଜଣେ ଅଭିଭାବକ ଥାଆନ୍ତି,

(4) "ଜିଲ୍ଲା ନ୍ୟାୟାଳୟ" ର ସେହି ଅର୍ଥ ହେବ ଯାହାକି ସିଭିଲ ପ୍ରକ୍ରିୟା ସଂହିତାରେ ସେହି ଅଭିବ୍ୟକ୍ତି ପ୍ରତି ପ୍ରଦତ୍ତ ହୋଇଅଛି ଏବଂ ମାମୁଲି ଆରମ୍ଭିକ ସିଭିଲ ଅଧିକାରିତା ପ୍ରୟୋଗ କରୁଥିବା ଏକ ଉଚ୍ଚ ନ୍ୟାୟାଳୟ ଏହାର ଅନ୍ତର୍ଗତ,

(5) "ନ୍ୟାୟାଳୟ" ଅର୍ଥ–

(କ) କୌଣସି ବ୍ୟକ୍ତିଙ୍କୁ ଅଭିଭାବକରୂପେ ନିଯୁକ୍ତ କରିବା ବା ଘୋଷଣା କରିବା ଆଦେଶ ନିମିତ୍ତ ଏହି ଅଧିନିୟମ ଅଧୀନରେ ଏକ ଦରଖାସ୍ତ ଗ୍ରହଣ କରିବାର ଅଧିକାରିତାଥିବା ଜିଲ୍ଲା ନ୍ୟାୟାଳୟ, କିମ୍ବା

(ଖ) ଏଭଳି କୌଣସି ଦରଖାସ୍ତ ଅନୁଯାୟୀ ଜଣେ ଅଭିଭାବକ ନିଯୁକ୍ତ ବା ଘୋଷିତ ହୋଇଥିବା ସ୍ଥଳେ,

(i) ଯେଉଁ ନ୍ୟାୟାଳୟ ବା ଯେଉଁ ଅଧିକାରୀଙ୍କ ନ୍ୟାୟାଳୟ ଅଭିଭାବକଙ୍କୁ ନିଯୁକ୍ତ ବା ଘୋଷିତ କରିଥାଆନ୍ତି, କିମ୍ବା ନିଯୁକ୍ତ ବା ଘୋଷିତ କରିଛନ୍ତି ବୋଲି ଏହି ଅଧିନିୟମ ଅଧୀନରେ ବିବେଚିତ ହୁଅନ୍ତି, କିମ୍ବା

(ii) ପ୍ରତିପାଲ୍ୟର ଶରୀର ସଂପର୍କୀୟ ଯେକୌଣସି ବିଷୟ ସଂପର୍କରେ ପ୍ରତିପାଲ୍ୟ ସେହି ସମୟରେ ସାଧାରଣତଃ ଯେଉଁଠାରେ ବାସ କରୁଥାଏ ସେହି ସ୍ଥାନରେ ଅଧିକାରିତା ଥିବା ଜିଲ୍ଲା ନ୍ୟାୟାଳୟ, କିମ୍ବା

(ଗ) ଧାରା 4-କ ଅଧୀନରେ ଅନ୍ତରିତ ଯେକୌଣସି କାର୍ଯ୍ୟବାହୀ ସଂକ୍ରାନ୍ତରେ ଯେଉଁ ଅଧିକାରୀଙ୍କଠାକୁ ସେହି କାର୍ଯ୍ୟବାହୀ ଅନ୍ତରିତ ହୋଇଥାଏ ତାହାଙ୍କର ନ୍ୟାୟାଳୟ ।

(6) "କଲେକ୍ଟର" ଅର୍ଥ କୌଣସି ଜିଲ୍ଲାର ରାଜସ୍ୱ ପ୍ରଶାସନର ଭାରପ୍ରାପ୍ତ ମୁଖ୍ୟ ଅଧିକାରୀ ଏବଂ ଯେଉଁ ଅଧିକାରୀଙ୍କୁ ରାଜ୍ୟ ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା କୌଣସି ସ୍ଥାନୀୟ ଅଞ୍ଚଳରେ କିମ୍ବା କୌଣସି ଶ୍ରେଣୀର ବ୍ୟକ୍ତିମାନଙ୍କ ସଂକ୍ରାନ୍ତରେ ଏହି ଅଧିନିୟମର ସମସ୍ତ ବା ଯେକୌଣସି ପ୍ରୟୋଜନ ନିମିତ୍ତ ତାହାଙ୍କ ନାମ ଦେଇ ବା ପଦ ବଳରେ ଜଣେ କଲେକ୍ଟର ରୂପେ ନିଯୁକ୍ତ କରିଥାଆନ୍ତି ସେହି ଅଧିକାରୀ ଏହାର ଅନ୍ତର୍ଗତ ।

❊ ❊ ❊ ❊

(୮) "ବିହିତ" ଅର୍ଥ ଏହି ଅଧିନିୟମ ଅଧୀନରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତ ।

**ଅଧୀନସ୍ଥ ନ୍ୟାୟିକ ଅଧିକାରୀଙ୍କୁ ଅଧିକାରିତା ପ୍ରଦାନ କରିବା ଲାଗି ଓ ସେହି ଅଧିକାରୀମାନଙ୍କଠାରୁ କାର୍ଯ୍ୟବାହୀ ଅନ୍ତରିତ କରିବା ଲାଗି କ୍ଷମତା ।**

4-କ. (1) ଉଚ୍ଚ ନ୍ୟାୟାଳୟ ସାଧାରଣ ବା ବିଶେଷ ଆଦେଶ ଦ୍ୱାରା ଏକ ଜିଲ୍ଲା ନ୍ୟାୟାଳୟର ଅଧୀନରେ ମୂଳ ସିଭିଲ ଅଧିକାରିତା ପ୍ରୟୋଗ କରୁଥିବା କୌଣସି ଅଧିକାରୀଙ୍କଠାକୁ ଏହି ଧାରାର ଉପବନ୍ଧମାନଙ୍କ ଅଧୀନରେ ଅନ୍ତରିତ ଏହି ଅଧିନିୟମଗତ କୌଣସି କାର୍ଯ୍ୟବାହୀକୁ ଫଇସଲା କରିବା ଲାଗି ସେହି ଅଧିକାରୀଙ୍କୁ କ୍ଷମତାପନ୍ନ କରିପାରିବେ କିମ୍ବା କୌଣସି ଜିଲ୍ଲା ନ୍ୟାୟାଳୟର ନ୍ୟାୟାଧୀଶ ଅଧୀନସ୍ଥ ସେପରି କୌଣସି ଅଧିକାରୀଙ୍କୁ କ୍ଷମତାପନ୍ନ କରିବାକୁ ସେହି ନ୍ୟାୟାଧୀଶଙ୍କୁ ପ୍ରାଧିକୃତ କରିପାରିବେ ।

(2) କୌଣସି ଜିଲ୍ଲା ନ୍ୟାୟାଳୟର ନ୍ୟାୟାଧୀଶ ତାଙ୍କ ଲିଖିତ ଆଦେଶ ଦ୍ୱାରା ଉପଧାରା (1) ଅଧୀନରେ କ୍ଷମତାପନ୍ନ ନିଜର ଅଧୀନସ୍ଥ କୌଣସି ଅଧିକାରୀଙ୍କୁ ନିଜ ନ୍ୟାୟାଳୟରେ ବିଚାରାଧୀନ ଥିବା ଏହି ଅଧିନିୟମଗତ କୌଣସି କାର୍ଯ୍ୟବିଧିକୁ ଯେକୌଣସି ଅବସ୍ଥାରେ ଅନ୍ତରିତ କରିପାରିବେ ।

(3) କୌଣସି ଜିଲ୍ଲା ନ୍ୟାୟାଳୟର ନ୍ୟାୟାଧୀଶ ଉପଧାରା (1) ଅଧୀନରେ କ୍ଷମତାପନ୍ନ ନିଜର ଅଧୀନସ୍ଥ କୌଣସି ଅଧିକାରୀଙ୍କ ନ୍ୟାୟାଳୟରେ ବିଚାରାଧୀନ ଥିବା ଏହି ଅଧିନିୟମଗତ ଯେକୌଣସି କାର୍ଯ୍ୟବିଧିକୁ ନିଜର ନ୍ୟାୟାଳୟକୁ କିମ୍ବା ସେଭଳି ଅନ୍ୟ କୌଣସି ଅଧିକାରୀଙ୍କଠାକୁ ଅନ୍ତରିତ କରିପାରିବେ ।

(4) ଯେଉଁ କ୍ଷେତ୍ରରେ ଜଣେ ଅଭିଭାବକ ନିଯୁକ୍ତ ବା ଘୋଷିତ ହୋଇଥାଆନ୍ତି ସେହି କ୍ଷେତ୍ରରେ ଯେବେ ଏହି ଧାରା ଅଧୀନରେ କୌଣସି କାର୍ଯ୍ୟବିଧି ଅନ୍ତରିତ ହୋଇଥାଏ ତେବେ ଜିଲ୍ଲା ନ୍ୟାୟାଳୟର ନ୍ୟାୟାଧୀଶ ଲିଖିତ ଆଦେଶ ଦ୍ୱାରା ଘୋଷଣା କରିପାରିବେ ଯେ, ସେଗୁଡ଼ିକ ଯେଉଁ ନ୍ୟାୟାଧୀଶଙ୍କ ନ୍ୟାୟାଳୟ ବା ଅଧିକାରୀଙ୍କଠାକୁ ଅନ୍ତରିତ ହୋଇଥାଏ ସେମାନେ ଏହି ଅଧିନିୟମର ସମସ୍ତ ବା ଯେକୌଣସି ପ୍ରୟୋଜନ ନିମିତ୍ତ ଅଭିଭାବକ ନିଯୁକ୍ତି ବା ଘୋଷଣା କରିଥିବା ନ୍ୟାୟାଳୟ ବୋଲି ବିବେଚିତ ହେବେ ।

## ଅଧ୍ୟାୟ II

### ଅଭିଭାବକ ନିଯୁକ୍ତି ଓ ଘୋଷଣା

5. ନିରସିତ

**ଅନ୍ୟାନ୍ୟ କ୍ଷେତ୍ରରେ ନିଯୁକ୍ତ କରିବାକୁ କ୍ଷମତାର ବ୍ୟାବୃତ୍ତି ।**

6. ଜଣେ ନାବାଳକ କ୍ଷେତ୍ରରେ ତାଙ୍କର ଶରୀର ବା ସଂପତ୍ତି ବା ଉଭୟର ଅଭିଭାବକ ନିଯୁକ୍ତ କରିବାଲାଗି ନାବାଳକ ଯେଉଁ ବିଧିର ବଶବର୍ତ୍ତୀ ଅଟନ୍ତି ସେହି ବିଧି ଦ୍ୱାରା ସମ୍ମତ ଯେକୌଣସି କ୍ଷମତାକୁ ଏହି ଅଧିନିୟମର କୌଣସି ବିଷୟ କିଛି କାଢ଼ି ନେଉଛି ବା ଅଳ୍ପିକୃତ କରୁଛି ବୋଲି ଅନ୍ୱୟ କରାଯିବ ନାହିଁ ।

**ଅଭିଭାବକତ୍ୱ ନେଇ ଆଦେଶ ଦେବାକୁ ନ୍ୟାୟାଳୟର କ୍ଷମତା ।**

7. (1) ଯେଉଁଠାରେ ନାବାଳକର ମଙ୍ଗଳ ନିମିତ୍ତ—

(କ) ତାଙ୍କର ଶରୀର ବା ସଂପତ୍ତି ବା ଉଭୟର ଜଣେ ଅଭିଭାବକ ନିଯୁକ୍ତ କରି; କିମ୍ବା

(ଖ) ଏଭଳି ଅଭିଭାବକ ବୋଲି ଜଣେ ବ୍ୟକ୍ତିକୁ ଘୋଷଣା କରି ଏକ ଆଦେଶ ଦିଆଯିବା ଉଚିତ ବୋଲି ନ୍ୟାୟାଳୟର ହୃଦବୋଧ ହୁଏ ସେଠାରେ ନ୍ୟାୟାଳୟ ତଦନୁଯାୟୀ ଏକ ଆଦେଶ ଦେଇପାରିବେ ।

(2) ଯେଉଁ ଅଭିଭାବକ ଉଇଲ ବା ଅନ୍ୟ ଦଲିଲ ଦ୍ୱାରା ନିଯୁକ୍ତ ହୋଇ ନ ଥାଆନ୍ତି କିମ୍ବା ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ ହୋଇ ନ ଥାଆନ୍ତି ଏହି ଧାରା ଅଧୀନରେ ଏକ ଆଦେଶ ତାହାଙ୍କର ଅପସାରଣକୁ ବୁଝାଇବ ।

(3) ଯେଉଁଠାରେ ଜଣେ ଅଭିଭାବକ ଉଇଲ ବା ଅନ୍ୟ ଦଲିଲ ଦ୍ୱାରା ନିଯୁକ୍ତ ହୋଇଥାଆନ୍ତି ବା ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ ହୋଇଥାଆନ୍ତି ସେପରି ସ୍ଥଳେ ଏହି ଅଧୀନିୟମର ଉପବନ୍ଧ ଅଧୀନରେ ପୂର୍ବୋକ୍ତମତେ ନିଯୁକ୍ତ ବା ଘୋଷିତ ସେହି ଅଭିଭାବକଙ୍କର କ୍ଷମତାମାନ ସମାପ୍ତ ନ ହେବା ଯାଏ ତାହାଙ୍କ ସ୍ଥାନରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅଭିଭାବକ ବୋଲି ନିଯୁକ୍ତ ବା ଘୋଷିତ କରି ଏହି ଧାରା ଅଧୀନରେ ଆଦେଶ ଦିଆଯିବ ନାହିଁ ।

ଆଦେଶ ନିମିତ୍ତ ଦରଖାସ୍ତ କରିବାକୁ ହକ୍‌ଦାର ବ୍ୟକ୍ତି ।

୫. ନିମ୍ନୋକ୍ତ ବ୍ୟକ୍ତିମାନଙ୍କର ଦରଖାସ୍ତ ଉପରେ ନ ହୋଇ ଅନ୍ୟଥା ପୂର୍ବଗାମୀ ଶେଷ ଧାରା ଅଧୀନରେ କୌଣସି ଆଦେଶ ଦିଆଯିବ ନାହିଁ—

(କ) ନାବାଳକର ଅଭିଭାବକ ହେବାକୁ ଇଚ୍ଛା କରୁଥିବା କିମ୍ବା ହେବାକୁ ଦାବି କରୁଥିବା ବ୍ୟକ୍ତି, କିମ୍ବା

(ଖ) ନାବାଳକର ଯେକୌଣସି ସମ୍ପର୍କୀୟ ବ୍ୟକ୍ତି ବା ମିତ୍ର, କିମ୍ବା

(ଗ) ଯେଉଁ ଜିଲ୍ଲାର ସ୍ଥାନୀୟ କ୍ଷେତ୍ର ମଧ୍ୟରେ ନାବାଳକ ସାଧାରଣତଃ ବାସ କରୁଥାଏ ବା ତାହାର ସଂପତ୍ତି ରହିଥାଏ ତାହାର କଲେକ୍ଟର, କିମ୍ବା

(ଘ) ନାବାଳକ ଯେଉଁ ଶ୍ରେଣୀର ଅଟେ ସେହି ଶ୍ରେଣୀ ସଂକ୍ରାନ୍ତରେ ପ୍ରାଧିକାର ସଂପନ୍ନ କଲେକ୍ଟର ।

ଦରଖାସ୍ତ ଗ୍ରହଣ କରିବାର୍ଗ ଅଧିକାରିତା ସଂପନ୍ନ ନ୍ୟାୟାଳୟ ।

୨. (1) ଯଦି ଦରଖାସ୍ତଟି ନାବାଳକର ଶରୀରର ଅଭିଭାବକତ୍ୱ ସଂକ୍ରାନ୍ତରେ ହୋଇଥାଏ ତାହାହେଲେ ନାବାଳକ ସାଧାରଣତଃ ଯେଉଁ ସ୍ଥାନରେ ବାସ କରେ ସେହି ସ୍ଥାନରେ ଜିଲ୍ଲା ନ୍ୟାୟାଳୟକୁ ଦରଖାସ୍ତ କରାଯିବ ।

(2) ଯଦି ଦରଖାସ୍ତଟି ନାବାଳକର ସଂପତ୍ତିର ଅଭିଭାବକତ୍ୱ ସଂକ୍ରାନ୍ତରେ ହୋଇଥାଏ ତାହାହେଲେ ଦରଖାସ୍ତଟି ହୁଏତ ଯେଉଁ ସ୍ଥାନରେ ନାବାଳକ ସାଧାରଣତଃ ବାସକରେ ସେହି ସ୍ଥାନରେ ଅଧିକାରିତା ସଂପନ୍ନ ଜିଲ୍ଲା ନ୍ୟାୟାଳୟକୁ ବା ଯେଉଁ ସ୍ଥାନରେ ତାହାର ସଂପତ୍ତି ଥାଏ ସେହି ସ୍ଥାନରେ ଅଧିକାରିତା ସଂପନ୍ନ କୌଣସି ଜିଲ୍ଲା ନ୍ୟାୟାଳୟକୁ ଦିଆଯାଇ ପାରିବ ।

(3) ଯଦି କୌଣସି ନାବାଳକର ସଂପତ୍ତିର ଅଭିଭାବକତ୍ୱ ସଂକ୍ରାନ୍ତରେ ଏକ ଦରଖାସ୍ତ ନାବାଳକ ସାଧାରଣତଃ ଯେଉଁ ସ୍ଥାନରେ ବାସ କରେ ସେହି ସ୍ଥାନରେ ଅଧିକାରିତା ସଂପନ୍ନ ଜିଲ୍ଲା ନ୍ୟାୟାଳୟ ଭିନ୍ନ ଅନ୍ୟ ଜିଲ୍ଲା ନ୍ୟାୟାଳୟକୁ ଦିଆଯାଏ ତାହାହେଲେ ଯଦି ନ୍ୟାୟାଳୟ ମନେକରେ ଯେ ଦରଖାସ୍ତଟି ଅଧିକାରିତା ସଂପନ୍ନ ଅନ୍ୟ କୌଣସି ଜିଲ୍ଲା ନ୍ୟାୟାଳୟ ଦ୍ୱାରା ଅଧିକତର ନ୍ୟାୟ ସଙ୍ଗତ ଭାବେ ବା ସୁବିଧାଜନକ ଭାବେ ଫଏସଲା କରି ହେବ ତେବେ ନ୍ୟାୟାଳୟ ଏହାକୁ ଫେରାଇ ଦେଇପାରିବେ ।

ଦରଖାସ୍ତର ଫର୍ମ ।

10. (1) ଯଦି ଦରଖାସ୍ତଟି କଲେକ୍ଟରଙ୍କ ଦ୍ୱାରା ହୋଇ ନ ଥାଏ ତେବେ ବାଦପତ୍ରର ସ୍ୱାକ୍ଷର ଓ ସତ୍ୟାପନ ନିମିତ୍ତ ସିଭିଲ ପ୍ରକ୍ରିୟା ସଂହିତା ଦ୍ୱାରା ବିହିତ ହୋଇଥିବା ରୀତିରେ ସ୍ୱାକ୍ଷରିତ ଓ ସତ୍ୟାପିତ ଅର୍ଜି ଆକାରରେ ହେବ ଏବଂ ଯେତେଦୂର ଅଭିନିଶ୍ଚୟ କରାଯାଇପାରେ ତେତେଦୂର ନିମ୍ନୋକ୍ତ ବିଷୟ ବ୍ୟକ୍ତ କରିବ:—

(କ) ନାବାଳକର ନାମ, ଲିଙ୍ଗ, ଧର୍ମ, ଜନ୍ମ ତାରିଖ ଏବଂ ସାଧାରଣ ନିବାସ,

(ଖ) ନାବାଳକ ଯଦି ସ୍ତ୍ରୀ ହୋଇଥାଆନ୍ତି ସେ ବିବାହ କରିଛନ୍ତି କି, ଏବଂ ଯଦି ବିବାହ କରିଛନ୍ତି ତାଙ୍କ ସ୍ୱାମୀଙ୍କର ନାମ ଓ ବୟସ,

(ଗ) ନାବାଳକର ଯଦି କିଛି ସଂପତ୍ତି ଥାଏ ତେବେ ତାହାର ପ୍ରକୃତି, ଅବସ୍ଥିତି ଏବଂ ଆନୁମାନିକ ମୂଲ୍ୟ,

(ଘ) ନାବାଳକର ଶରୀର ବା ସଂପତ୍ତିର ହେପାଜତ ବା ଦଖଲ ନେଇଥିବା ବ୍ୟକ୍ତିଙ୍କର ନାମ ଏବଂ ନିବାସ,

(ଙ) ନାବାଳକର କିଏ କିଏ ନିକଟ ସଂପର୍କୀୟ ଅଛନ୍ତି ଏବଂ ସେମାନେ କେଉଁଠାରେ ବାସ କରନ୍ତି,

(ଚ) ନାବାଳକ ଯେଉଁ ବିଧିର ବଶବର୍ତ୍ତୀ ଅଟନ୍ତି, ସେହି ବିଧି ଦ୍ୱାରା ଏପରି ନିଯୁକ୍ତ ହେବାକୁ ହକ୍‌ଦାର ହୋଇଥିବା ବା ହକ୍‌ଦାର ବୋଲି ଦାବି କରୁଥିବା ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ନାବାଳକର ଶରୀର ବା ସଂପତ୍ତି ବା ଉଭୟର ଜଣେ ଅଭିଭାବକ ନିଯୁକ୍ତ ହୋଇଛନ୍ତି କି, ନାହିଁ,

(ଛ) ନାବାଳକର ଶରୀର ବା ସଂପତ୍ତି ବା ଉଭୟର ଅଭିଭାବକତ୍ୱ ସଂପର୍କରେ ଏକ ଦରଖାସ୍ତ ଯେକୌଣସି ସମୟରେ ସେହି ନ୍ୟାୟାଳୟରେ ବା ଅନ୍ୟ କୌଣସି ନ୍ୟାୟାଳୟରେ ଦାଖଲ କରାଯାଇଛି କି ନାହିଁ ଏବଂ ଯଦି କରାଯାଇଥାଏ, ତେବେ କେତେବେଳେ କେଉଁ ନ୍ୟାୟାଳୟରେ ତାହା ଦାଖଲ ହୋଇଥିଲା ଏବଂ ତା'ର ଫଳ କ'ଣ ହେଲା, ।

(ଜ) ଅଭିଭାବକଙ୍କର ନିଯୁକ୍ତି ବା ଘୋଷଣା ପାଇଁ କରାଯାଇଥିବା ଦରଖାସ୍ତ ନାବାଳକର ଶରୀର ସମ୍ପର୍କରେ ଅଟେ କି ତାହାର ସଂପତ୍ତି ସଂପର୍କରେ ଅଟେ କି ଉଭୟ ସଂପର୍କରେ ଅଟେ,

(ଝ) ଯେଉଁଠାରେ ଦରଖାସ୍ତଟି ଅଭିଭାବକଙ୍କ ନିଯୁକ୍ତି କରିବା ନିମିତ୍ତ ହୋଇଥାଏ ସେଠାରେ ପ୍ରସ୍ତାବିତ ଅଭିଭାବକଙ୍କର ଯୋଗ୍ୟତା,

(ଞ) ଯେଉଁଠାରେ ଦରଖାସ୍ତଟି ଜଣେ ବ୍ୟକ୍ତିଙ୍କୁ ଅଭିଭାବକ ବୋଲି ଘୋଷଣା କରିବା ଲାଗି ହୋଇଥାଏ ସେଠାରେ କି କି ଆଧାର ଉପରେ ସେହି ବ୍ୟକ୍ତି ତାହା ଦାବି କରନ୍ତି,

(ଟ) ଯେଉଁ ସବୁ କାରଣ ବଶତଃ ଦରଖାସ୍ତ କରାଯାଇଛି ତାହା, ଏବଂ

(ଠ) ଯଦି କିଛି ଅନ୍ୟାନ୍ୟ ବିବରଣ ବିହିତ ହୋଇଥାଏ ତେବେ ସେହି ବିବରଣମାନ ଅଥବା ଦରଖାସ୍ତର ପ୍ରକାର ଦୃଷ୍ଟେ ଯେଉଁ ଅନ୍ୟ ବିବରଣ ବ୍ୟକ୍ତ କରାଯିବା ଆବଶ୍ୟକ ଅଟେ, ତାହା ।

(2) ଯଦି ଦରଖାସ୍ତଟି କଲେକ୍ଟରଙ୍କ ଦ୍ୱାରା କରାଯାଏ, ତେବେ ଏହା ନ୍ୟାୟାଳୟକୁ ସମ୍ବୋଧିତ କରି ପତ୍ର ଦ୍ୱାରା ଡାକରେ କିମ୍ବା ଏଭଳି ଅନ୍ୟ ଯେଉଁ ରୀତି ସୁବିଧାଜନକ ଜଣାଯାଏ ସେହି ରୀତିରେ କରାଯିବ ଏବଂ ଏହା ଉପଧାରା (1)ରେ ଉଲ୍ଲିଖିତ ସବିଶେଷ ବିବରଣ ଯଥା ସମ୍ଭବ ତହିଁରେ ବ୍ୟକ୍ତ କରାଯିବ ।

(3) ପ୍ରସ୍ତାବିତ ଅଭିଭାବକଙ୍କ କାର୍ଯ୍ୟ କରିବାର ଇଚ୍ଛା ଥିବା ଏକ ଘୋଷଣାପତ୍ର ଦରଖାସ୍ତ ସହ ସଲଗ୍ନ କରିବାକୁ ହେବ ଏବଂ ଘୋଷଣାପତ୍ରଟି ତାଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବ ଓ ଅନ୍ତତଃ ଦୁଇଜଣ ସାକ୍ଷୀଙ୍କ ଦ୍ୱାରା ଅନୁପ୍ରମାଣିତ ହୋଇଥିବ ।

**ଆବେଦନ ଗ୍ରହଣ ପର ପ୍ରକ୍ରିୟା ।**

11. (1) ଯଦି ନ୍ୟାୟାଳୟର ହୃଦବୋଧ ହୁଏ ଯେ ଦରଖାସ୍ତ ଉପରେ ଅଗ୍ରସର ହେବାପାଇଁ କାରଣ ରହିଛି ତେବେ ତାହାର ଶୁଣାଣି ନିମିତ୍ତ ଏକ ଦିନ ସ୍ଥିର କରିବ ଏବଂ ଦରଖାସ୍ତର ତଥା ଶୁଣାଣି ପାଇଁ ସ୍ଥିରୀକୃତ ତାରିଖର ସୂଚନା,–

(କ) ସିଭିଲ ପ୍ରକ୍ରିୟା ସଂହିତାରେ ଜାରି ହେବା ପାଇଁ ନିର୍ଦ୍ଦେଶିତ ରୀତିରେ ନିମ୍ନଲିଖିତ ଉପରେ ଜାରି କରାଇବ–

*(i)* ଏହି ଅଧିନିୟମ ଯେଉଁ ରାଜ୍ୟ ପ୍ରତି ବିସ୍ତାରିତ ସେଠାରେ ନାବାଳକର ପିତାମାତା ଯଦି ରହୁଥାନ୍ତି ତେବେ ସେମାନଙ୍କ ଉପରେ,

*(ii)* ନାବାଳକର ଶରୀର ବା ସଂପତ୍ତିର ହେପାଜତ ବା ଦଖଲ ରଖିଛନ୍ତି ବୋଲି ଯଦି କୌଣସି ବ୍ୟକ୍ତି ଅର୍ଜି ବା ପତ୍ରରେ ନାମିତ ହୋଇଥାନ୍ତି, ତେବେ ସେହି ବ୍ୟକ୍ତିଙ୍କ ଉପରେ,

*(iii)* ଅଭିଭାବକ ବୋଲି ନିଯୁକ୍ତ ବା ଘୋଷିତ ହେବାକୁ ଦରଖାସ୍ତ ବା ପତ୍ରରେ ପ୍ରସ୍ତାବିତ ବ୍ୟକ୍ତି ଯଦି ନିଜେ ଦରଖାସ୍ତକାରୀ ହୋଇ ନ ଥାନ୍ତି ତେବେ ସେହି ବ୍ୟକ୍ତିଙ୍କ ଉପରେ, ଓ

*(iv)* ଯେଉଁ ବ୍ୟକ୍ତିଙ୍କୁ ନ୍ୟାୟାଳୟଙ୍କ ମତରେ ଦରଖାସ୍ତର ବିଶେଷ ସୂଚନା ଦିଆଯିବା ଉଚିତ ସେହି ବ୍ୟକ୍ତିଙ୍କ ଉପରେ, ଏବଂ

(ଖ) ନ୍ୟାୟାଳୟ ଗୃହର ତଥା ନାବାଳକଙ୍କର ନିବାସର ସହଜଦୃଶ୍ୟ କୌଣସି ଭାଗରେ ଲଗାଇବ ଏବଂ ଏହି ଅଧିନିୟମ ଅଧୀନରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଣୀତ ଯେକୌଣସି ନିୟମାବଳୀର ବଶବର୍ତ୍ତୀ ହୋଇ ନ୍ୟାୟାଳୟ ଯେପରି ଉପଯୁକ୍ତ ବିଗ୍ରର କରିବ ସେହି ରୀତିରେ ଅନ୍ୟଥା ପ୍ରକାଶିତ କରାଇବ ।

(2) ରାଜ୍ୟ ସରକାର ସାଧାରଣ ବା ବିଶେଷ ଆଦେଶ ଦ୍ୱାରା ଆବଶ୍ୟକ କରିପାରିବେ ଯେ ଯେବେ ଧାରା 10 ର ଉପଧାରା (1) ଅଧୀନରେ କରାଯାଇଥିବା ଅର୍ଜିରେ ବର୍ଣ୍ଣିତ ସଂପର୍ତ୍ତିର କୌଣସି ଭାଗ ଏପରି ଭୂମି ହୋଇଥାଏ ଯାହାର ଅଧୀକ୍ଷଣ ପ୍ରତିପାଲ୍ୟ ଅଧିକରଣ ଗ୍ରହଣ କରିପାରିବ ତେବେ ନ୍ୟାୟାଳୟ ଯେଉଁ କଲେକ୍ଟରଙ୍କ ଜିଲ୍ଲାରେ ନାବାଳକ ସାଧାରଣତଃ ବାସ କରୁଥାଏ ସେହି କଲେକ୍ଟରଙ୍କ ଉପରେ ତଥା ଯେଉଁ କଲେକ୍ଟରଙ୍କ ଜିଲ୍ଲାରେ ଭୂମିର କୌଣସି ଭାଗ ଅବସ୍ଥିତ ଥାଏ ସେହି ପ୍ରତ୍ୟେକ କଲେକ୍ଟରଙ୍କ ଉପରେ ଏକ ସୂଚନା ପୂର୍ବୋକ୍ତମତେ ଜାରି କରାଇବେ ଏବଂ ସେହି କଲେକ୍ଟର ସେ ଉପଯୁକ୍ତ ବୋଲି ବିବେଚନା କରୁଥିବା ଯେକୌଣସି ରୀତିରେ ସୂଚନାକୁ ପ୍ରକାଶିତ କରାଇ ପାରିବେ ।

(3) ଉପଧାରା (2) ଅଧୀନରେ ଜାରି କରାଯିବା ବା ପ୍ରକାଶିତ ହେବା ଯେକୌଣସି ସୂଚନାର ଜାରି ବା ପ୍ରକାଶନ ପାଇଁ ନ୍ୟାୟାଳୟ ବା କଲେକ୍ଟର କୌଣସି ଖର୍ଚ୍ଚା ଆରୋପ କରିବେ ନାହିଁ ।

**ନାବାଳକକୁ ହାଜର କରାଇବା ଏବଂ ଶରୀର ଓ ସଂପତ୍ତିର ମଧ୍ୟବର୍ତ୍ତୀ-କାଳୀନ ସୁରକ୍ଷା ନିମିତ୍ତ ଅନ୍ତବର୍ତ୍ତୀ ଆଦେଶ ଦେବା କ୍ଷମତା ।**

12. (1) ନାବାଳକର ହେପାଜତ ନେବା ବ୍ୟକ୍ତି ଯଦି କେହି ଥାନ୍ତି ତେବେ ସେହି ବ୍ୟକ୍ତି ନ୍ୟାୟାଳୟ ସ୍ଥିର କରିବାମତେ ସେହିପରି ସ୍ଥାନ ଓ ସମୟରେ ଓ ସେପରି ବ୍ୟକ୍ତିଙ୍କ ସମକ୍ଷରେ ନାବାଳକକୁ ହାଜର କରିବାକୁ ବା ହାଜର କରାଇବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇ ପାରିବ ଏବଂ ନାବାଳକର ଶରୀର ବା ସଂପର୍ତ୍ତିର ସାମୟିକ ହେପାଜତ ଓ ସୁରକ୍ଷା ନିମିତ୍ତ ଯେପରି ଉଚିତ ମନେ କରିବ ସେପରି ଆଦେଶ ଦେଇପାରିବ ।

(2) ଯଦି ନାବାଳକ ଜଣେ ସ୍ତ୍ରୀ ହୋଇଥାନ୍ତି, ଯାହାଙ୍କୁ କି ସର୍ବସାଧାରଣରେ ଉପସ୍ଥିତ ହେବାକୁ ବାଧ୍ୟ କରାଯିବା ଉଚିତ ହେବ ନାହିଁ ତେବେ ଉପଧାରା (1) ଅଧୀନରେ ଦେଶର ରୀତି ଓ ଚଳଣି ଅନୁଯାୟୀ ତାଙ୍କୁ ହାଜର କରାଯିବାକୁ ନିର୍ଦ୍ଦେଶ ଦିଆଯିବ ।

(3) ଏହି ଧାରାର କୌଣସି ବିଷୟ--

(କ) କୌଣସି ନାବାଳକ ସ୍ତ୍ରୀ ତାହାର ସ୍ୱାମୀ ହୋଇଥିବା ହେତୁ ତାହାର ଅଭିଭାବକ ବୋଲି ଦାବି କରୁଥିବା ବ୍ୟକ୍ତିଙ୍କ ହେପାଜତରେ ସେହି ସ୍ତ୍ରୀର ପିତାମାତା କେହିଥିଲେ ତାଙ୍କର ସମ୍ମତିକ୍ରମେ ପୂର୍ବରୁ ରହି ଆସୁନଥିଲେ ସେହି ନାବାଳକ ସ୍ତ୍ରୀକୁ ସେହି ବ୍ୟକ୍ତିଙ୍କ ସାମୟିକ ହେପାଜତରେ ରଖିବାକୁ ନ୍ୟାୟାଳୟକୁ କ୍ଷମତାପନ୍ନ କରିବ ନାହିଁ, କିମ୍ବା

(ଖ) ଯାହାଙ୍କଠାରେ କୌଣସି ନାବାଳକର ସଂପତ୍ତିର ସାମୟିକ ହେପାଜତ ଓ ସୁରକ୍ଷା ନ୍ୟସ୍ତ ହୋଇଥିବ ସେହି ବ୍ୟକ୍ତିଙ୍କୁ ଉକ୍ତ ସଂପତ୍ତି ମଧ୍ୟରୁ କୌଣସି ସଂପତ୍ତିର ଦଖଲରେ ଥିବା କୌଣସି ବ୍ୟକ୍ତିଙ୍କୁ ବିଧିର ସମୁଚିତ ପ୍ରଣାଳୀ ଭିନ୍ନ ଅନ୍ୟଥା ବେଦଖଲ କରାଇବାକୁ କ୍ଷମତାପନ୍ନ କରିବ ନାହିଁ ।

**ଆଦେଶ ଦେବା ପୂର୍ବରୁ ସାକ୍ଷ୍ୟର ଶୁଣାଣି ।**

13. ଦରଖାସ୍ତର ଶୁଣାଣି ନିମିତ୍ତ ସ୍ଥିରୀକୃତ ଦିନରେ ବା ଯଥାସମ୍ଭବ ତା ଉପରେ ଦରଖାସ୍ତର ସପକ୍ଷରେ ନତୁବା ତାହା ବିରୋଧରେ ଯେଉଁସବୁ ସାକ୍ଷ୍ୟ ଦିଆଯିବ ନ୍ୟାୟାଳୟ ତାହା ଶୁଣିବ ।

**ବିଭିନ୍ନ ନ୍ୟାୟାଳୟରେ ସମକାଳୀନ କାର୍ଯ୍ୟବିଧି ।**

14. (1) ଯଦି ଜଣେ ନାବାଳକର ଏକ ଅଭିଭାବକଙ୍କର ନିଯୁକ୍ତି ବା ଘୋଷଣା ଲାଗି କାର୍ଯ୍ୟବିଧି ଏକାଧିକ ନ୍ୟାୟାଳୟରେ ଚଳୁଥାଏ ତାହାହେଲେ ସେହି ନ୍ୟାୟାଳୟମାନଙ୍କ ମଧ୍ୟରୁ ପ୍ରତ୍ୟେକ ନ୍ୟାୟାଳୟ ଅନ୍ୟ ନ୍ୟାୟାଳୟ ବା ନ୍ୟାୟାଳୟମାନଙ୍କର କାର୍ଯ୍ୟବାହୀ ସଂପର୍କରେ ଅବହିତ ହେଲେ ନିଜ ପାଖରେ ଥିବା କାର୍ଯ୍ୟବାହୀକୁ ସ୍ଥଗିତ ରଖିବେ ।

(2) ଯଦି ଉଭୟ ନ୍ୟାୟାଳୟ ବା ସମସ୍ତ ନ୍ୟାୟାଳୟ ଏକା ଉଚ୍ଚ ନ୍ୟାୟାଳୟର ଅଧୀନସ୍ଥ ହୋଇଥାନ୍ତି ତାହାହେଲେ ନ୍ୟାୟାଳୟମାନ ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ରିପୋର୍ଟ କରିବେ ଏବଂ ନାବାଳକଙ୍କର ଜଣେ ଅଭିଭାବକଙ୍କର ନିଯୁକ୍ତି ବା ଘୋଷଣା ସଂକ୍ରାନ୍ତ କାର୍ଯ୍ୟବାହୀ ତନ୍ମଧ୍ୟରୁ କେଉଁ ନ୍ୟାୟାଳୟରେ ହେବ ତାହା ଉଚ୍ଚ ନ୍ୟାୟାଳୟ ଅବଧାରଣ କରିବ ।

(3) ଯେଉଁ ଅନ୍ୟ କୌଣସି ସ୍ଥଳେ ଉପଧାରା (1) ଅଧୀନରେ କାର୍ଯ୍ୟବିଧି ସ୍ଥଗିତ ହୁଏ ସେହି ସ୍ଥଳେ ନ୍ୟାୟାଳୟମାନ ସ୍ୱ ସ୍ୱ ରାଜ୍ୟ ସରକାରଙ୍କୁ ସେହି ବିଷୟ ରିପୋର୍ଟ କରି ସେହି ସରକାରଙ୍କଠାରୁ ଯେଉଁ ଆଦେଶ ପାଇବେ ତଦ୍ୱାରା ପରିଚାଳିତ ହେବେ ।

**ବହୁ ସଂଖ୍ୟକ ଅଭିଭବକଙ୍କର ନିଯୁକ୍ତି ବା ଘୋଷଣା ।**

15. (1) ଯଦି ନାବାଳକ ଯେଉଁ ବିଧିର ବଶବର୍ତ୍ତୀ ଅଟେ ସେହି ବିଧିରେ ତାଙ୍କର ଶରୀର ବା ସଂପତ୍ତି ବା ଉଭୟର ଦୁଇ ବା ତତୋଧିକ ସଂଯୁକ୍ତ ଅଭିଭାବକ ରହିବାର ବ୍ୟବସ୍ଥା ଥାଏ ତେବେ ନ୍ୟାୟାଳୟ ଉଚିତ ମନେ କଲେ ସେମାନଙ୍କୁ ନିଯୁକ୍ତ ବା ଘୋଷିତ କରିପାରିବ ।

❊ ❊ ❊ ❊ ❊

(4) ଜଣେ ନାବାଳକଙ୍କର ଶରୀରର ଏବଂ ସଂପତ୍ତିର ପୃଥକ ପୃଥକ ଅଭିଭାବକଙ୍କୁ ନିଯୁକ୍ତ ବା ଘୋଷିତ କରାଯାଇପାରିବ ।

(5) ଯଦି ନାବାଳକଙ୍କର ବିଭିନ୍ନ ସଂପତ୍ତି ଥାଏ ତାହାହେଲେ ନ୍ୟାୟାଳୟ ଉଚିତ ମନେ କଲେ ସଂପତ୍ତି ମଧ୍ୟରୁ ଯେକୌଣସି ଏକ ବା ଏକାଧିକ ପାଇଁ ଜଣେ ଜଣେ ପୃଥକ ଅଭିଭାବକଙ୍କୁ ନିଯୁକ୍ତ ବା ଘୋଷିତ କରିପାରିବ ।

**ନ୍ୟାୟାଳୟର ଅଧିକାରିତା ବାହାରେ ଥିବା ସଂପତ୍ତି ଲାଗି ଅଭିଭାବକଙ୍କର ନିଯୁକ୍ତି ବା ଘୋଷଣା ।**

16. ଯଦି ନ୍ୟାୟାଳୟ ନିଜର ଅଧିକାରିତାର ଆଞ୍ଚଳିକ ସୀମା ବାହାରେ ଅବସ୍ଥିତ କୌଣସି ସଂପତ୍ତି ପାଇଁ ଜଣେ ଅଭିଭାବକ ନିଯୁକ୍ତ ବା ଘୋଷିତ କରନ୍ତି ତାହାହେଲେ ସଂପତ୍ତିଟି ଯେଉଁଠାରେ ଅବସ୍ଥିତ ସେହି ସ୍ଥାନରେ ଅଧିକାରିତା ସଂପନ୍ନ ନ୍ୟାୟାଳୟ ଅଭିଭାବକଙ୍କର ନିଯୁକ୍ତି ବା ଘୋଷଣା କରିବା ଆଦେଶର ଏକ ପ୍ରମାଣିତ ନକଲ ଦାଖଲ କରାଗଲେ ତାଙ୍କୁ ଯଥାବିଧି ନିଯୁକ୍ତ ବା ଘୋଷିତ ବୋଲି ଗ୍ରହଣ କରିବେ ଏବଂ ଆଦେଶଟିକୁ ପ୍ରଭାବୀ କରାଇବେ ।

**ଅଭିଭାବକ ନିଯୁକ୍ତିରେ ନ୍ୟାୟାଳୟ ପକ୍ଷେ ବିଚାର୍ଯ୍ୟ ବିଷୟମାନ ।**

17. (1) ଜଣେ ନାବାଳକଙ୍କର ଅଭିଭାବକଙ୍କୁ ନିଯୁକ୍ତ ବା ଘୋଷିତ କଲାବେଳେ ନ୍ୟାୟାଳୟ, ଏହି ଧାରାର ଉପବନ୍ଧମାନଙ୍କର ବଶବର୍ତ୍ତୀ ରହି ନାବାଳକ ଯେଉଁ ବିଧିର ବଶବର୍ତ୍ତୀ ଅଟେ ସେହି ବିଧି ସହ ସାମଞ୍ଜସ୍ୟ ରକ୍ଷା କରି ଯାହା ସେହି ପରିସ୍ଥିତିରେ ନାବାଳକର କଲ୍ୟାଣ ପାଇଁ ଅଟେ ବୋଲି ପ୍ରତୀତ ହୁଏ ତଦ୍ୱାରା ପରିଚାଳିତ ହେବ ।

(2) କ'ଣ କ'ଣ ନାବାଳକ ପାଇଁ କଲ୍ୟାଣକର ଅଟେ ତାହା ବିଚାର କଲାବେଳେ ନ୍ୟାୟାଳୟ ନାବାଳକଙ୍କର ବୟସ, ଲିଙ୍ଗ ଓ ଧର୍ମ ପ୍ରସ୍ତାବିତ ଅଭିଭାବକଙ୍କର ଚରିତ୍ର ଓ ସାମର୍ଥ୍ୟ ଓ ନାବାଳକଙ୍କ ସହ ବନ୍ଧୁ ସଂପର୍କର ନିବିଡ଼ତା କୌଣସି ପିତା ବା ମାତାଙ୍କର ଯଦି କିଛି ଇଚ୍ଛା ରହିଥାଏ ତେବେ ତାହା ଏବଂ ପ୍ରସ୍ତାବିତ ଅଭିଭାବକଙ୍କର ନାବାଳକ ବା ତାହାର ସଂପତ୍ତି ସହ ଥିବା କୌଣସି ବିଦ୍ୟମାନ ବା ଭୂତପୂର୍ବ ସଂପର୍କ ପ୍ରତି ଦୃଷ୍ଟି ଦେବ ।

(3) ଯଦି ବୁଦ୍ଧିମାନଭାବେ ମନୋନୟନ କରିବାଲାଗି ନାବାଳକର ଯଥେଷ୍ଟ ବୟସ ହୋଇ ସାରିଥାଏ ତେବେ ନ୍ୟାୟାଳୟ ତାହାର ମନୋନୟନକୁ ବିଚାର କରିପାରିବେ ।

(4) ନ୍ୟାୟାଳୟ କୌଣସି ବ୍ୟକ୍ତିଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ଅଭିଭାବକରୂପେ ନିଯୁକ୍ତ ବା ଘୋଷିତ କରିବେନାହିଁ ।

**ପଦ ବଳରେ କଲେକ୍ଟରଙ୍କର ନିଯୁକ୍ତି ବା ଘୋଷଣା ।**

18. ଯେଉଁଠାରେ କୌଣସି ନାବାଳକର ଶରୀର ବା ସଂପତ୍ତି ବା ଉଭୟର ଅଭିଭାବକ ବୋଲି କୌଣସି କଲେକ୍ଟର ତାଙ୍କ ପଦ ବଳରେ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ ହୁଅନ୍ତି ସେହିଠାରେ ତାଙ୍କୁ ନିଯୁକ୍ତ ବା ଘୋଷିତ କରୁଥିବା ଆଦେଶଟି ନାବାଳକର ଯଥାସ୍ଥିତି ଶରୀର ବା ସଂପତ୍ତି ବା ଉଭୟ ସଂକ୍ରାନ୍ତରେ ତାହାର ଅଭିଭାବକଭାବେ କାର୍ଯ୍ୟ କରିବାକୁ ତତ୍‌ସମୟ ସେହି ପଦ ଧାରଣ କରୁଥିବା ବ୍ୟକ୍ତିଙ୍କୁ ପ୍ରାଧିକୃତ କରୁଛି ଓ ଆବଶ୍ୟକ କରୁଛି ବୋଲି ବିବେଚିତ ହେବ ।

**କେତେକ କ୍ଷେତ୍ରରେ ନ୍ୟାୟାଳୟ-ଦ୍ୱାରା ଅଭିଭାବକ ନିଯୁକ୍ତ ହେବ-ନାହିଁ ।**

19. ଯେଉଁ ନାବାଳକ ସଂପତ୍ତି କୌଣସି ପ୍ରତିପାଲ୍ୟ ଅଧିକରଣର ଅଧୀକ୍ଷଣାଧୀନ ଥାଏ ତାହାର ସଂପତ୍ତିର ଜଣେ ଅଭିଭାବକ ନିଯୁକ୍ତ ବା ଘୋଷଣା କରିବାକୁ ନତୁବା,

(କ) ଯେଉଁ ନାବାଳକ ଜଣେ ବିବାହିତା ସ୍ତ୍ରୀ ହୋଇଥାଏ ଓ ତାହାର ସ୍ୱାମୀ ନ୍ୟାୟାଳୟ ମତରେ ତାହାର ଶରୀରର ଅଭିଭାବକ ହେବାକୁ ଅନୁପଯୁକ୍ତ ହୋଇନଥାନ୍ତି ସେହି ନାବାଳକର, ବା

(ଖ) ଯେଉଁ ନାବାଳକର ପିତା ଜୀବିତ ଥାନ୍ତି ଓ ସେ ନ୍ୟାୟାଳୟ ମତରେ ନାବାଳକର ଶରୀରର ଅଭିଭାବକ ହେବାକୁ ଅନୁପଯୁକ୍ତ ହୋଇନଥାନ୍ତି ସେହି ନାବାଳକର, ବା

(ଗ) ଯେଉଁ ନାବାଳକର ସଂପତ୍ତି ନାବାଳକର ଶରୀରର ଜଣେ ଅଭିଭାବକ ନିଯୁକ୍ତ କରିବା ଲାଗି କ୍ଷମତାସଂପନ୍ନ ଏକ ପ୍ରତିପାଲ୍ୟ ଅଧିକରଣ ଅଧୀକ୍ଷଣାଧୀନ ଥାଏ ସେହି ନାବାଳକର,

ଶରୀରର ଜଣେ ଅଭିଭାବକ ନିଯୁକ୍ତ ବା ଘୋଷିତ କରିବାକୁ ଏହି ଅଧ୍ୟାୟର କୌଣସି ବିଷୟ ନ୍ୟାୟାଳୟକୁ କ୍ଷମତାସଂପନ୍ନ କରିବନାହିଁ ।

## ଅଧ୍ୟାୟ III

## ଅଭିଭାବକମାନଙ୍କର କର୍ତ୍ତବ୍ୟ, ଅଧିକାର ଓ ଦାୟିତ୍ୱ

### ସାଧାରଣ

**ପ୍ରତିପାଲ୍ୟଙ୍କ ସହିତ ଅଭିଭାବକଙ୍କର ନ୍ୟାସିକ ସଂପର୍କ ।**

20. (1) ଅଭିଭାବକ ତାହାଙ୍କ ପ୍ରତିପାଲ୍ୟ ସହ ନ୍ୟାସିକ ସଂପର୍କରେ ରହନ୍ତି ଏବଂ ସେ ଯଦି କୌଣସି ଉଇଲ ବା ଅନ୍ୟ ଦଲିଲ ଦ୍ୱାରା ନିଯୁକ୍ତ ହୋଇଥାନ୍ତି ସେଥିରେ କିମ୍ବା ଏହି ଅଧିନିୟମରେ ଯେପରି ଉପବନ୍ଧିତ ହୋଇଥାଏ ତାହା ବ୍ୟତିରେକେ ସେ ତାଙ୍କ ପଦରୁ କୌଣସି ଲାଭ ଉଠାଇବେନାହିଁ ।

(2) ପ୍ରତିପାଲ୍ୟ ସହିତ ଅଭିଭାବକଙ୍କର ନ୍ୟାସିକ ସଂପର୍କ ପ୍ରତିପାଲ୍ୟ ଆଉ ନାବାଳକ ନ ରହିବାର ଅବ୍ୟବହିତ ପରେ ବା ତାହା ସଙ୍ଗେ ସଙ୍ଗେ ପ୍ରତିପାଲ୍ୟଙ୍କ ସଂପତ୍ତିର ଅଭିଭାବକଙ୍କ କର୍ତ୍ତୃକ ଏବଂ ଅଭିଭାବକଙ୍କ ସଂପତ୍ତିର ପ୍ରତିପାଲ୍ୟକର୍ତ୍ତୃକ କ୍ରୟପ୍ରତି ଏବଂ ଅଭିଭାବକଙ୍କର ପ୍ରଭାବ ତଥାପି ରହିଥିବାବେଳର ନତୁବା ତାହା ନିକଟ ଅତୀତର ହୋଇଥିବା ବେଳର ସବୁଗୁଡ଼ିକ କାରବାର ପ୍ରତି ପ୍ରଯୁଜ୍ୟ ଓ ପ୍ରଭାବ୍ୟ ଅଟେ ।

**ଅଭିଭାବକଭାବେ କାର୍ଯ୍ୟ କରିବାକୁ ନାବାଳକ-ମାନଙ୍କର ସାମର୍ଥ୍ୟ ।**

21. କୌଣସି ନାବାଳକ ନିଜର ପତ୍ନୀ ବା ସନ୍ତାନ ନତୁବା ଯେଉଁଠାରେ ସେ କୌଣସି ଅବିଭକ୍ତ ହିନ୍ଦୁ ପରିବାରର ପରିଚାଳକ ହୋଇଥାନ୍ତି ସେଠାରେ ସେହି ପରିବାରର ଅନ୍ୟ କୌଣସି ନାବାଳକର ପତ୍ନୀ ବା ସନ୍ତାନ ଭିନ୍ନ ଅନ୍ୟ କୌଣସି ନାବାଳକଙ୍କର ଅଭିଭାବକଭାବେ କାର୍ଯ୍ୟକରିବାକୁ ଅକ୍ଷମ ଅଟନ୍ତି ।

**ଅଭିଭାବକଙ୍କର ପାରିଶ୍ରମିକ ।**

22. (1) ନ୍ୟାୟାଳୟଦ୍ୱାରା ନିଯୁକ୍ତ ବା ଘୋଷିତ ଅଭିଭାବକ ତାଙ୍କର କର୍ତ୍ତବ୍ୟ ସଂପାଦନରେ ତାହାଙ୍କ ଯତ୍ନ ଓ କଷ୍ଟପାଇଁ ନ୍ୟାୟାଳୟ ଯଦି କିଛି ଭତ୍ତା ଉଚିତବୋଲି ବିଚାର କରେ ତେତିକି ଭତ୍ତା ପାଇଁ ହକ୍‌ଦାର ହେବେ ।

(2) ଯେବେ ସରକାରଙ୍କର କୌଣସି ଅଧିକାରୀ ସେପରି ଅଧିକାରୀଭାବେ, ଅଭିଭାବକରୂପେ ନିଯୁକ୍ତ ବା ଘୋଷିତ ହୁଅନ୍ତି ତେବେ ରାଜ୍ୟ ସରକାର ସାଧାରଣ ବା ବିଶେଷ ଆଦେଶ ଦ୍ୱାରା ଯେଉଁ ଫିସ୍ ଦିଆଯିବାପାଇଁ ନିର୍ଦ୍ଦେଶ ଦିଅନ୍ତି ପ୍ରତିପାଲ୍ୟଙ୍କର ସଂପତ୍ତିରୁ ସେହି ଫିସ୍ ସରକାରଙ୍କୁ ଦିଆଯିବ ।

**ଅଭିଭାବକ ଭାବେ କଲେକ୍‌ଟରଙ୍କର ନିୟନ୍ତ୍ରଣ ।**

23. କୌଣସି ନାବାଳକର ଶରୀର ବା ସଂପତ୍ତି ବା ଉଭୟର ଅଭିଭାବକ ରୂପେ ନ୍ୟାୟାଳୟଦ୍ୱାରା ନିଯୁକ୍ତ ବା ଘୋଷିତ ଜଣେ କଲେକ୍‌ଟର ତାହାଙ୍କର ପ୍ରତିପାଲ୍ୟର ଅଭିଭାବକତ୍ୱ ସଂପର୍କିତ ସବୁ ବିଷୟରେ ରାଜ୍ୟ ସରକାରଙ୍କର ନତୁବା ସେହି ସରକାର ସରକାରୀ ଗେଜେଟରେ ଅଧିସୂଚନାଦ୍ୱାରା ଏତଦୂପଲକ୍ଷେ ଯେଉଁ ପ୍ରାଧିକାରୀଙ୍କୁ ନିଯୁକ୍ତ କରି ପାରନ୍ତି ସେହି ପ୍ରାଧିକାରୀଙ୍କର ନିୟନ୍ତ୍ରଣର ବଶବର୍ତ୍ତୀ ରହିବେ ।

## ଶରୀରର ଅଭିଭାବକ

**ଶରୀରର ଅଭିଭାବକଙ୍କର କର୍ତ୍ତବ୍ୟ ।**

24. ଜଣେ ପ୍ରତିପାଲ୍ୟର ଶରୀରର ଅଭିଭାବକ ସେହି ପ୍ରତିପାଲ୍ୟର ହେପାଜତର ଭର ପାଇଥା'ନ୍ତି ଏବଂ ସେ ପ୍ରତିପାଲ୍ୟର ପୋଷଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ଏବଂ ପ୍ରତିପାଲ୍ୟ ଯେଉଁ ବିଧିର ବଶବର୍ତ୍ତୀ ଅଟେ, ସେହି ବିଧି ଯେଉଁ ଅନ୍ୟ ସବୁ ବିଷୟ ଆବଶ୍ୟକ କରେ ସେହି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।

**ପ୍ରତିପାଲ୍ୟର ହେପାଜତ ପାଇଁ ଅଭିଭାବକଙ୍କର ହକ ।**

25. (1) ଯଦି କୌଣସି ପ୍ରତିପାଲ୍ୟ ତାହାର ଶରୀରର ଅଭିଭାବକକୁ ଛାଡ଼ନ୍ତି ବା ତାଙ୍କର ହେପାଜତରୁ ଅପସାରିତ ହୁଅନ୍ତି ତାହାହେଲେ ଯଦି ନ୍ୟାୟାଳୟ ମନେକରେ ଯେ ପ୍ରତିପାଲ୍ୟ ତାହାର ଅଭିଭାବକଙ୍କର ହେପାଜତକୁ ପ୍ରତ୍ୟାବର୍ତ୍ତନ କରିବାଦ୍ୱାରା ତାହାର କଲ୍ୟାଣ ହେବ, ତେବେ ନ୍ୟାୟାଳୟ ତାଙ୍କର ପ୍ରତ୍ୟାବର୍ତ୍ତନ ପାଇଁ ଏକ ଆଦେଶ ଦେଇପାରିବ ଏବଂ ଆଦେଶଟିକୁ ପ୍ରବର୍ତ୍ତିତ କରିବା ପ୍ରୟୋଜନରେ ପ୍ରତିପାଲ୍ୟକୁ ଗିରଫ କରାଇ ଅଭିଭାବକଙ୍କର ହେପାଜତରେ ଦିଆଇ ପାରିବ ।

(2) ପ୍ରତିପାଲ୍ୟକୁ ଗିରଫ କରିବା ପ୍ରୟୋଜନରେ ନ୍ୟାୟାଳୟ ଦଣ୍ଡ ପ୍ରକ୍ରିୟା ସଂହିତା 1882ର ଧାରା 100 ଦ୍ୱାରା ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ ଉପରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରିପାରିବ ।

(3) ଯେଉଁ ବ୍ୟକ୍ତି ପ୍ରତିପାଲ୍ୟକଂର ଅଭିଭାବକ ହୋଇ ନଥାନ୍ତି ତାଂକ ସହ ନିଜ ଅଭିଭାବକଙ୍କର ଇଚ୍ଛା ବିରୋଧରେ ସେହି ପ୍ରତିପାଲ୍ୟର ନିବାସ ଅଭିଭାବକତ୍ୱକୁ ସ୍ୱତଃ ଶେଷ କରାଇ ଦିଏ ନାହିଁ ।

**ଅଧିକାରିତାରୁ ପ୍ରତିପାଲ୍ୟଙ୍କର ଅପସାରଣ ।**

26. (1) ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ କୌଣସି ଶରୀରର ଅଭିଭାବକ କଲେକଟ୍‌ର କିମ୍ବା ଉଇଲ ବା ଅନ୍ୟ ଦଲିଲ ବଳରେ ନିଯୁକ୍ତ ଜଣେ ଅଭିଭାବକ ହୋଇ ନ ଥିଲେ ଯେଉଁ ନ୍ୟାୟାଳୟ ଦ୍ୱାରା ସେ ନିଯୁକ୍ତ ବା ଘୋଷିତ ହୋଇଥିବେ ତାହାର ଅନୁମତି ବ୍ୟତିରେକେ ତାହାର ଅଧିକାରିତାର ସୀମା ବାହାରକୁ ଯେପରି ବିହିତ ହୋଇପାରେ ସେହି ପ୍ରୟୋଜନ ଭିନ୍ନ ଅନ୍ୟ ପ୍ରୟୋଜନ ନିମିତ୍ତ ପ୍ରତିପାଲ୍ୟକୁ ଅପସାରିତ କରିବେ ନାହିଁ ।

(2) ଉପଧାରା (1) ଅଧୀନରେ ନ୍ୟାୟାଳୟ ଦ୍ୱାରା ଦତ୍ତ ଅନୁମତି ବିଶେଷ ହୋଇପାରେ ବା ସାଧାରଣ ହୋଇପାରେ ଏବଂ ଅନୁମତି ଦେଉଥିବା ଆଦେଶ ଦ୍ୱାରା ପରିସ୍ଫୁଟ ହୋଇପାରେ ।

## ସମ୍ପତ୍ତିର ଅଭିଭାବକ

**ସମ୍ପତ୍ତିର ଅଭିଭାବକଙ୍କର କର୍ତ୍ତବ୍ୟ ।**

27. କୌଣସି ପ୍ରତିପାଲ୍ୟ ସମ୍ପତ୍ତିର ଜଣେ ଅଭିଭବକ ସମ୍ପତ୍ତିଟି ତାଙ୍କର ନିଜର ହୋଇଥିଲେ ଜଣେ ସାଧାରଣ ବୁଦ୍ଧି ବିଶିଷ୍ଟ ମଣିଷ ଯେତେ ସତର୍କତା ସହକାରେ ସମ୍ପତ୍ତି ସଂକ୍ରାନ୍ତରେ କାରବାର କରିଥାନ୍ତି ସେପରି କାରବାର କରିବାକୁ ବାଧ୍ୟ ଅଟନ୍ତି ଏବଂ ଏହି ଅଧ୍ୟାୟର ଉପବଂଧମାନଙ୍କର ବଶବର୍ତ୍ତୀ ହୋଇ ସମ୍ପତ୍ତିର ଆଦାୟ, ସୁରକ୍ଷା ବା ହିତ ପାଇଁ ଯେଉଁ ସବୁ କାର୍ଯ୍ୟ ଯୁକ୍ତିଯୁକ୍ତ ଓ ଉଚିତ ତାହା କରିପାରିବେ ।

**ବସିୟତୀ ଅଭିଭାବକଙ୍କର କ୍ଷମତା ।**

28. ଯେଉଁଠାରେ ଉଇଲ ବା ଅନ୍ୟ ଦଲିଲ୍ ଦ୍ୱାରା ଜଣେ ଅଭିଭାବକ ନିଯୁକ୍ତ ହୋଇଥାନ୍ତି ସେଠାରେ ତାହାଙ୍କ ପ୍ରତିପାଲ୍ୟର ହୋଇଥିବା ସ୍ଥାବର ସମ୍ପତ୍ତିକୁ ବଂଧକ କରିବା ବା ଭାରଗ୍ରସ୍ତ କରିବା ନତୁବା ବିକ୍ରୟ, ଦାନ, ବିନିମୟ ବା ଅନ୍ୟ ଉପାୟରେ ଅନ୍ତରିତ କରିବା ଲାଗି ତାହାଙ୍କ କ୍ଷମତା ଦଲିଲରେ ଥିବା ନିର୍ବନ୍ଧନର ବଶବର୍ତ୍ତୀ ହେବ ଏବଂ ଯଦି ସେ ଏହି ଅଧିନିୟମ ଅଧୀନରେ ଅଭିଭାବକ ବୋଲି ଘୋଷିତ ହୋଇଥିବେ ଓ ଘୋଷଣା କରିଥିବା ନ୍ୟାୟାଳୟ ଏକ ଲିଖିତ ଆଦେଶ ଦ୍ୱାରା ସେହି ଆଦେଶରେ ବିନିର୍ଦ୍ଦିଷ୍ଟ ଯେ କୌଣସି ସ୍ଥାବର ସମ୍ପତ୍ତିକୁ ଆଦେଶରେ ଲିଖିତ ରୀତିରେ ବ୍ୟୟନ କରିବା ଲାଗି ତାଙ୍କୁ ଅନୁମତି ଦେଇ ଥାଏ, ତାହାହେଲେ ସେପରି ନିର୍ବଂଧନ ସତ୍ତ୍ୱେ ସେ ସେପରି ବ୍ୟୟନ କରି ପାରିବେ ।

**ନ୍ୟାୟାଳୟଦ୍ୱାରା ନିଯୁକ୍ତ ବା ଘୋଷିତ ସମ୍ପତ୍ତିର ଅଭିଭାବକଙ୍କର କ୍ଷମତାର ସୀମା ।**

29. ଯେଉଁଠାରେ କଲେକ୍‌ଟର ଭିନ୍ନ କିମ୍ବା ଉଇଲ୍ ବା ଅନ୍ୟ ଦଲିଲ୍ ଦ୍ୱାରା ନିଯୁକ୍ତ କୌଣସି ଅଭିଭାବକଙ୍କ ଭିନ୍ନ ଅନ୍ୟ କୌଣସି ବ୍ୟକ୍ତି କୌଣସି ପ୍ରତିପାଲ୍ୟର ସଂପତ୍ତିର ଅଭିଭାବକ ବୋଲି ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ ହୋଇଥାନ୍ତି, ସେହିଠାରେ ସେ ନ୍ୟାୟାଳୟର ପୂର୍ବ ଅନୁମତି ବିନା—

(କ) ତାହାଙ୍କ ପ୍ରତିପାଲ୍ୟର ସ୍ଥାବର ସମ୍ପତ୍ତିର କୌଣସି ଭାଗକୁ ବଂଧକ ଦେବେ ନାହିଁ ବା ଭାରଗ୍ରସ୍ତ କରିବେ ନାହିଁ କିମ୍ବା ତାହାର କୌଣସି ଭାଗକୁ ବିକ୍ରୟ, ଦାନ, ବିନିମୟ ବା ଅନ୍ୟ ଉପାୟରେ ଅନ୍ତରିତ କରିବେ ନାହିଁ, କିମ୍ବା,

(ଖ) ପାଂଚବର୍ଷରୁ ଅଧିକ କୌଣସି କାଳାବଧି ପାଇଁ କିମ୍ବା ଯେଉଁ ତାରିଖରୁ ପ୍ରତିପାଲ୍ୟ ଆଉ ନାବାଳକ ହୋଇ ରହିବେ ନାହିଁ ସେହି ତାରିଖର ପରବର୍ତ୍ତୀ ଏକ ବର୍ଷରୁ ଅଧିକ କୌଣସି କାଳାବଧି ପାଇଁ ସେହି ସଂପତ୍ତିର କୌଣସି ଭାଗକୁ ପଟ୍ଟାରେ ଦେବେ ନାହିଁ ।

ଧାରା 28 ବା ଧାରା 29ର ଉଲ୍ଲଙ୍ଘନ କ୍ରମେ କରାଯାଇଥିବା ଆନ୍ତରଣଗୁଡ଼ିକର ଶୂନ୍ୟକରଣୀୟତା ।

30. ପୂର୍ବଗାମୀ ଶେଷ ଦୁଇ ଧାରା ମଧ୍ୟରୁ ଯେକୌଣସି ଟିର ଉଲଂଘନ କ୍ରମେ କୌଣସି ଅଭିଭାବକ ଦ୍ୱାରା ହୋଇଥିବା ସ୍ଥାବର ସଂପତ୍ତିର ବ୍ୟୟନ ତଦ୍‌ଦ୍ୱାରା ପ୍ରଭାବିତ ଅନ୍ୟ ଯେକୌଣସି ବ୍ୟକ୍ତିଙ୍କ ଅନୁରୋଧ କ୍ରମେ ଶୂନ୍ୟକରଣୀୟ ହେବ ।

ଧାରା 29 ଅଧୀନରେ ଅନ୍ତରଣକୁ ଅନୁମତି ଦେବା ସମ୍ପର୍କରେ ପ୍ରଥା ।

31. (1) ପ୍ରତିପାଲ୍ୟର ଆବଶ୍ୟକତା ନ ଥିଲେ ବା ତାହାକୁ ଏକ ସ୍ପଷ୍ଟ ସୁବିଧା ମିଳିବାର ନଥିଲେ ଧାରା 29ରେ ଉଲ୍ଲିଖିତ ଯେକୌଣସି କାର୍ଯ୍ୟ କରିବା ଲାଗି ଅଭିଭାବକଙ୍କୁ ନ୍ୟାୟାଳୟ ଦ୍ୱାରା ଅନୁମତି ଦିଆଯିବ ନାହିଁ ।

(2) ଅନୁମତି ଦେଉଥିବା ଆଦେଶଟିରେ ଯଥାସ୍ଥିତି, ଆବଶ୍ୟକତା ବା ସୁବିଧା ବର୍ଣ୍ଣିତ ହେବ, ଅନୁମତି ପ୍ରାପ୍ତ କାର୍ଯ୍ୟ ଯେଉଁ ସଂପତ୍ତି ସଂକ୍ରାନ୍ତରେ କରାଯିବା କଥା ସେହି ସଂପତ୍ତିର ବର୍ଣ୍ଣନା ରହିବ ଏବଂ ନ୍ୟାୟାଳୟ ଯଦି କିଛି ସର୍ତ୍ତ ଅନୁମତି ସହିତ ସଂଶ୍ଳିଷ୍ଟ କରିବା ଉଚିତ ମନେକରେ ତେବେ ସେହି ସବୁ ସର୍ତ୍ତ ବିନିର୍ଦ୍ଦିଷ୍ଟ ହେବ ଏବଂ ତାହା ନ୍ୟାୟାଳୟର ନ୍ୟାୟାଧୀଶଙ୍କ ଦ୍ୱାରା ତାହାଙ୍କର ସ୍ୱହସ୍ତରେ ଅଭିଲିଖିତ ଓ ତାରିଖ ସହ ସ୍ୱାକ୍ଷରିତ ହେବ ଅଥବା ଯଦି କୌଣସି କାରଣ ବଶତଃ ସ୍ୱହସ୍ତରେ ଆଦେଶଟି ଅଭିଲିଖିତ କରିବାରୁ ନିବାରିତ ହୁଅନ୍ତି, ତେବେ ତାହା ତାଙ୍କଠାରୁ ଶ୍ରୁତଲେଖ ଆକାରରେ ନିଆଯିବ ଓ ତାଙ୍କ ଦ୍ୱାରା ତାରିଖ ସହ ସ୍ୱାକ୍ଷରିତ ହେବ ।

(3) ନ୍ୟାୟାଳୟ ଅନ୍ୟାନ୍ୟ ସର୍ତ୍ତ ମଧ୍ୟରେ ନିମ୍ନଲିଖିତ ସର୍ତ୍ତଗୁଡ଼ିକୁ ନିଜ ବିବେଚନା ଅନୁସାରେ ଅନମତି ସହ ସଂଶ୍ଳିଷ୍ଟ କରିପାରେ—

(କ) ନ୍ୟାୟାଳୟର ମଞ୍ଜୁରି ବିନା ବିକ୍ରୟ ସଂପୂର୍ଣ୍ଣ ହେବ ନାହିଁ;

(ଖ) ଏହି ଅଧିନିୟମ ଅଧୀନରେ ଉଚ୍ଚନ୍ୟାୟାଳୟ ଦ୍ୱାରା ପ୍ରଣୀତ ଯେକୌଣସି ନିୟମାବଳୀର ବଶବର୍ତ୍ତି ହୋଇ ନ୍ୟାୟାଳୟ ଅଭିପ୍ରେତ ବିକ୍ରୟର ଯେପରି ଉଦ୍‌ଘୋଷଣା କରାଯିବାକୁ ନିର୍ଦ୍ଦେଶ ଦେବ ସେପରି ଉଦ୍‌ଘୋଷଣା ପରେ ନ୍ୟାୟାଳୟ ଦ୍ୱାରା ବିନିର୍ଦ୍ଦିଷ୍ଟ ହେବା ସମୟ ଓ ସ୍ଥାନରେ ନ୍ୟାୟାଳୟ କିମ୍ବା ତଦୁପଲକ୍ଷେ ନ୍ୟାୟାଳୟ ଦ୍ୱାରା ବିଶେଷଭାବେ ନିଯୁକ୍ତ କୌଣସି ବ୍ୟକ୍ତିଙ୍କ ସମକ୍ଷରେ ସର୍ବସାଧାରଣ ନିଲମ ଦ୍ୱାରା ସର୍ବୋଚ୍ଚ ଡାକ ଦେଇବାଲାଙ୍କୁ ବିକ୍ରୟ କରାଯିବ ;

(ଗ) କୌଣସି ପ୍ରିମିୟମର ପ୍ରତିଫଳ ସ୍ୱରୂପ କୌଣସି ପଟ୍ଟା କରାଯିବ ନାହିଁ, ନ୍ୟାୟାଳୟ ଯେପରି ନିର୍ଦ୍ଦେଶ ଦେଇପାରେ ସେତେ ବର୍ଷ ବିଶିଷ୍ଟ କାଳାବଧି ପାଇଁ ଏବଂ ସେତିକି ଖଜଣା ଓ ପ୍ରସଂବିଦାର ବଶବର୍ତ୍ତୀ ହୋଇ ପଟ୍ଟା କରାଯିବ ;

(ଘ) ଅନୁମତି ପ୍ରାପ୍ତ କାର୍ଯ୍ୟର ଲବ୍ଧ ଧନର ସମଗ୍ରାଂଶ ବା ଯେକୌଣସି ଅଂଶକୁ ନ୍ୟାୟାଳୟ ଦ୍ୱାରା ସଂବିତରିତ ହେବା ଲାଗି ନତୁବା ବିହିତ ପ୍ରତିଭୂତିରେ ନ୍ୟାୟାଳୟ ଦ୍ୱାରା ବିନିହିତ ହେବା ଲାଗି ନତୁବା ନ୍ୟାୟାଳୟ ଯେପରି ନିର୍ଦ୍ଦେଶ ଦେଇପାରେ ସେହି ପ୍ରକାରେ ଅନ୍ୟଥା ବ୍ୟୟନିତ କରିବା ଲାଗି ଅଭିଭାବକଙ୍କ ଦ୍ୱାରା ନ୍ୟାୟାଳୟକୁ ଦିଆଯିବ ।

(4) ଧାରା 29ରେ ଉଲ୍ଲିଖିତ କୌଣସି କାର୍ଯ୍ୟ କରିବାକୁ କୌଣସି ଅଭିଭାବକଙ୍କୁ ଅନୁମତି ଦେବା ପୂର୍ବରୁ ନ୍ୟାୟାଳୟ ପ୍ରତିପାଲ୍ୟର ଯେଉଁ ବନ୍ଧୁ ବା ମିତ୍ର ନ୍ୟାୟାଳୟର ମତରେ ଅନୁମତି ଲାଗି ଦରଖାସ୍ତଟିର ସୂଚନା ପାଇବା କଥା ତାକୁ ତାହାର ସୂଚନା ଦିଆଇ ପାରିବ ଏବଂ ଦରଖାସ୍ତ ବିରୋଧରେ ଯେଉଁ ବ୍ୟକ୍ତି ଉପସ୍ଥିତ ହୁଅନ୍ତି ତାଙ୍କୁ ଶୁଣାଣି କରିବ ଓ ତାଙ୍କ ବିବୃତି ଅଭିଲିଖିତ କରିବ ।

ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ ସଂପତ୍ତିର ଅଭିଭାବକଙ୍କର କ୍ଷମତାରେ ଅଦଳ ବଦଳ ।

32. ଯେଉଁଠାରେ ନ୍ୟାୟାଳୟ ଦ୍ୱାରା କୌଣସି ପ୍ରତିପାଲ୍ୟର ସଂପତ୍ତିର ଜଣେ ଅଭିଭାବକ ନିଯୁକ୍ତ ବା ଘୋଷିତ ହୋଇଥାନ୍ତି ଏବଂ ସେହି ଅଭିଭାବକ କଲେକ୍ଟର ହୋଇ ନଥାନ୍ତି ସେହିଠାରେ ନ୍ୟାୟାଳୟ ବିଭିନ୍ନ ସମୟରେ ଆଦେଶ ଦ୍ୱାରା ପ୍ରତିପାଲ୍ୟ ପ୍ରତି ଯେପରି ସୁବିଧାପ୍ରଦ ହେବ ବୋଲି ମନେ କରିବ ସେହି ରୀତିରେ ତଥା ସେତେଦୂର ଯାଏ ଏବଂ ପ୍ରତିପାଲ୍ୟ ଯେଉଁ ବିଧିର ବଶବର୍ତ୍ତୀ ଅଟେ ସେହି ବିଧି ସଂଗତି ରକ୍ଷାକରି ପ୍ରତିପାଲ୍ୟର ସଂପତ୍ତି ସଂକ୍ରାନ୍ତରେ ତାହାଙ୍କର କ୍ଷମତାକୁ ସଂଜ୍ଞାକୃତ, ସୀମିତ ବା ବିସ୍ତାରିତ କରିପାରିବ ।

ପ୍ରତିପାଲ୍ୟର ସମ୍ପତ୍ତିର ପରିଚାଳନା ନେଇ ମତ ଲାଗି ନ୍ୟାୟାଳୟକୁ ଦରଖାସ୍ତ କରିବାକୁ ଏପରିବେ ନିଯୁକ୍ତ ବା ଘୋଷିତ ଅଭିଭାବକଙ୍କର ଅଧିକାର ।

33. (1) ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ କୌଣସି ଅଭିଭାବକ ତାହାଙ୍କୁ ନିଯୁକ୍ତ ବା ଘୋଷିତ କରିଥିବା ନ୍ୟାୟାଳୟକୁ ତାଙ୍କର ପ୍ରତିପାଲ୍ୟର ସମ୍ପତ୍ତିର ପରିଚାଳନା ବା ପ୍ରଶାସନ ସଂକ୍ରାନ୍ତ ଯେକୌଣସି ବିଦ୍ୟମାନ ପ୍ରଶ୍ନ ନେଇ ନ୍ୟାୟାଳୟର ମତ, ପରାମର୍ଶ ବା ନିର୍ଦ୍ଦେଶଲାଗି ଅର୍ଜି ଦ୍ୱାରା ଆବେଦନ କରିପାରିବେ ।

(2) ଯଦି ନ୍ୟାୟାଳୟ ସରାସରୀ ଫଇସଲା କରିବା ଲାଗି ପ୍ରଶ୍ନଟି ଉଚିତ ବୋଲି ବିଚାର କରନ୍ତି ତାହାହେଲେ ନ୍ୟାୟାଳୟ ଅର୍ଜିର ନକଲ ନିଜେ ଉଚିତ ମନେ କରିବା ମତେ ଦରଖାସ୍ତଟିରେ ସ୍ୱାର୍ଥବନ୍ଧ ବ୍ୟକ୍ତିମାନଙ୍କ ଉପରେ ଜାରି କରାଇବେ ଏବଂ ତାହାର ଶୁଣାଣିରେ ସେହିମାନେ ଉପସ୍ଥିତ ହୋଇପାରିବେ ।

(3) ଆବେଦନପତ୍ରର ତଥ୍ୟାବଳୀକୁ ସଦ୍‌ଭାବନାପୂର୍ବକ ବ୍ୟକ୍ତ କରୁଥିବା ତଥା ନ୍ୟାୟାଳୟ ଦେଇଥିବା ମତ, ପରାମର୍ଶ ବା ନିର୍ଦ୍ଦେଶକ୍ରମେ କାର୍ଯ୍ୟ କରିଥିବା ଅଭିଭାବକ ତାହାଙ୍କର ନିଜର ଦାୟିତ୍ୱ ସଂକ୍ରାନ୍ତରେ ଦରଖାସ୍ତର ବିଷୟ ବସ୍ତୁରେ ଅଭିଭାବକଭାବେ ନିଜର କର୍ତ୍ତବ୍ୟ ପାଳନ କରିଅଛନ୍ତିବୋଲି ବିବେଚିତ ହେବ ।

ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ ସମ୍ପତ୍ତିର ଅଭିଭାବକଙ୍କ ଉପରେ ବାଧ୍ୟତା ।

34. ଯେଉଁଠାରେ ନ୍ୟାୟାଳୟ ଦ୍ୱାରା କୌଣସି ପ୍ରତିପାଲ୍ୟର ସମ୍ପତ୍ତିର ଜଣେ ଅଭିଭାବକ ନିଯୁକ୍ତ ବା ଘୋଷିତ ହୋଇଥାନ୍ତି ଏବଂ ସେହି ଅଭିଭାବକ କଲେକ୍ଟର ହୋଇ ନ ଥାନ୍ତି ସେହିଠାରେ ସେ:—

(କ) ଯଦି ନ୍ୟାୟାଳୟ ଏପରି ଆବଶ୍ୟକ କରେ, ତେବେ ପ୍ରତିପାଲ୍ୟର ସମ୍ପତ୍ତି ସଂକ୍ରାନ୍ତରେ ସେ ଯାହା ପାଇବେ ସେଥିପାଇଁ ହିସାବ ଦେବାକୁ ଯଥାବିଧି ଅଙ୍ଗୀକାର କରି ଯେପରି ବିହିତ ହୋଇପାରେ ସେହିପରି ପ୍ରତିଭୂତି ସହ ବା ପ୍ରତିଭୂତି ବିନା ତତ୍‌ସମୟ ପାଇଁ ନ୍ୟାୟାଳୟର ନ୍ୟାୟାଧୀଶଙ୍କୁ ସୁବିଧା ଲାଗି ନ୍ୟାୟାଧୀଶଙ୍କୁ ଯେତେଦୂର ସମ୍ଭବ ବିହିତ ଫର୍ମରେ ଏକ ବନ୍ଧପତ୍ର ଦେବେ,

(ଖ) ଯଦି ନ୍ୟାୟାଳୟ ଏପରି ଆବଶ୍ୟକ କରେ ତେବେ ନ୍ୟାୟାଳୟ ଦ୍ୱାରା ତାହାଙ୍କର ନିଯୁକ୍ତି ବା ଘୋଷଣା ତାରିଖଠାରୁ ଛଅ ମାସ ମଧ୍ୟରେ ନଚେତ୍ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିବା ତେତିକି ଅନ୍ୟ ସମୟ ମଧ୍ୟରେ ପ୍ରତିପାଲ୍ୟର ସ୍ଥାବର ସମ୍ପତ୍ତିର ବିବୃତି ଦେବା ତାରିଖଯାଏଁ ପ୍ରତିପାଲ୍ୟଙ୍କ ତରଫରୁ ସେ ପାଇଥିବା ଧନ ଓ ଅନ୍ୟ ଅସ୍ଥାବର ସମ୍ପତ୍ତିର ଏବଂ ସେହି ତାରିଖରେ ପ୍ରତିପାଲ୍ୟ ବା ପ୍ରତିପାଲ୍ୟଠାରୁ ପ୍ରାପ୍ୟ ଥିବା ଋଣର ଏକ ବିବୃତି ନ୍ୟାୟାଳୟକୁ ଦେବେ,

(ଗ) ଯଦି ନ୍ୟାୟାଳୟ ଏପରି ଆବଶ୍ୟକ କରେ, ତେବେ ନ୍ୟାୟାଳୟ ବିଭିନ୍ନ ସମୟରେ ନିର୍ଦ୍ଦେଶ ଦେବା ମତେ ସେହି ସମୟରେ ତଥା ସେହି ରୂପରେ ନ୍ୟାୟାଳୟରେ ତାଙ୍କ ହିସାବପତ୍ର ପ୍ରଦର୍ଶିତ କରିବେ,

(ଘ) ଯଦି ନ୍ୟାୟାଳୟ ଏପରି ଆବଶ୍ୟକ କରେ ତେବେ ନ୍ୟାୟାଳୟ ଯେପରି ନିର୍ଦ୍ଦେଶ ଦିଏ ସେହି ସମୟରେ ଏହି ହିସାବପତ୍ରରେ ତାଙ୍କଠାରୁ ପ୍ରାପ୍ୟ ଅବଶେଷ ନଚେତ୍ ନ୍ୟାୟାଳୟ ଯେତିକିପାଇଁ ନିର୍ଦ୍ଦେଶ ଦିଏ ତାହାର, ସେତିକି ପରିମାଣ ନ୍ୟାୟାଳୟକୁ ଦେବେ,

(ଙ) ପ୍ରତିପାଲ୍ୟର ତଥା ତାହା ଉପରେ ଆଶ୍ରିତ ବ୍ୟକ୍ତିମାନଙ୍କର ଭରଣପୋଷଣ, ଶିକ୍ଷା ଓ ଅଭିବର୍ଦ୍ଧନ କଲ୍ପେ ତଥା ଯେଉଁସବୁ ଉତ୍ସବ ସହ ପ୍ରତିପାଲ୍ୟ ବା ସେମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ସମ୍ପୃକ୍ତ ଥାନ୍ତି ତାହାର ଅନୁଷ୍ଠାନ କଲ୍ପେ ପ୍ରତିପାଲ୍ୟର ସମ୍ପତ୍ତିର ଆୟର ଯେତିକି ଭାଗ ନ୍ୟାୟାଳୟ ବିଭିନ୍ନ ସମୟରେ ନିର୍ଦ୍ଦେଶ ଦିଏ ତେତିକି ଭାଗ ନଚେତ୍ ନ୍ୟାୟାଳୟ ଏ ରୂପେ ନିର୍ଦ୍ଦେଶ ଦେଲେ ସେହି ସମ୍ପତ୍ତିର ସମଗ୍ର ବା ଯେ କୌଣସି ଭାଗ ଖଟାଇବେ ।

ହିସାବପତ୍ର ଅଡ଼ିଟ୍ କରିବା ପାଇଁ ପାରିଶ୍ରମିକ ଦେବା କ୍ଷମତା

34. (କ) ଧାରା 34ର ଖଣ୍ଡ (ଗ) ଅଧୀନରେ ବା ଅନ୍ୟଥା ହୋଇଥିବା କୌଣସି ଅଧିଯାଚନା ଅନୁସାରେ କୌଣସି ପ୍ରତିପାଲ୍ୟର ସମ୍ପତ୍ତିର ହିସାବପତ୍ର କୌଣସି ଅଭିଭାବକଙ୍କ ଦ୍ୱାରା ପ୍ରଦର୍ଶିତ ହେଲେ ନ୍ୟାୟଳୟ ସେହି ହିସାବପତ୍ରକୁ ଅଡ଼ିଟ୍ କରିବାକୁ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତ କରିପାରିବେ ଏବଂ ସେହି କାମ ଲାଗି ପାରିଶ୍ରମିକ, ସମ୍ପତ୍ତିର ଆୟରୁ ଦିଆଯିବାଲାଗି ନିର୍ଦ୍ଦେଶ ଦେଇପାରିବ ।

ପ୍ରଶାସନିକ ବନ୍ଧପତ୍ର ନିଆଯାଇଥିବା ସ୍ଥଳେ ଅଭିଭାବକ ବିରୋଧରେ ବାଦ ।

35. ଯେଉଁଠାରେ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ କୌଣସି ଅଭିଭାବକ ତାଙ୍କର ପ୍ରତିପାଲ୍ୟର ସମ୍ପତ୍ତି ସଂକ୍ରାନ୍ତରେ ସେ ଯାହାପାଇ ପାରନ୍ତି ତାହାଲାଗି ଯଥାବିଧି ହିସାବ ଦେବାକୁ ଏକ ବନ୍ଧପତ୍ର ଦେଇଥା'ନ୍ତି ସେଠାରେ ଅର୍ଜି ଦ୍ୱାରା ଆବେଦନ କରାଗଲେ ତଥା ବନ୍ଧପତ୍ରର ପ୍ରତିଜ୍ଞା ରକ୍ଷା କରାଯାଇ ନାହିଁ ବୋଲି ନ୍ୟାୟାଳୟର ହୃଦବୋଧ ହେଲେ ନ୍ୟାୟାଳୟ ଉଚିତ ମନେ କରିବା ମତେ ପ୍ରତିଭୂତି ବିଷୟକ ସେପରି ନିର୍ବନ୍ଧନ ସହ ନଚେତ୍ ପ୍ରାପ୍ତ ଯେକୌଣସି ଧନ ନ୍ୟାୟାଳୟକୁ ଦିଆଯାଉ ବୋଲି ବ୍ୟବସ୍ଥା କରି କିମ୍ବା ଅନ୍ୟଥା ନ୍ୟାୟାଳୟ ବନ୍ଧପତ୍ରଟିକୁ କୌଣସି ଉପଯୁକ୍ତ ବ୍ୟକ୍ତିଙ୍କୁ ସମର୍ପଣ କରିପାରିବ ଯେଉଁ ବ୍ୟକ୍ତି କି ସତେ କି ମୂଳତଃ ନ୍ୟାୟାଳୟର ନ୍ୟାୟାଧୀଶଙ୍କୁ ଦିଆ ନ ଯାଇ ତାଙ୍କୁ ଦିଆଯାଇ ଥିବା ଭଳି ତାଙ୍କ ନିଜ ନାମରେ ବନ୍ଧପତ୍ର ଉପରେ ବାଦ୍ ଚଳାଇବାକୁ ତାହାପରେ ହକ୍‌ଦାର ହେବେ ଏବଂ ତାହାର ଯେକୌଣସି ଉଲ୍ଲଙ୍ଘନ ସଂକ୍ରାନ୍ତରେ ପ୍ରତିପାଲ୍ୟ ଲାଗି ନ୍ୟାସୀଭାବରେ ତଦନୁଯାୟୀ ଅସୁଲ କରିବାକୁ ହକ୍‌ଦାର ହେବେ ।

ପ୍ରଶାସନିକ ବନ୍ଧପତ୍ର ନିଆଯାଇ ନ ଥିବାସ୍ଥଳେ ଅଭିଭାବକଙ୍କ ବିରୋଧରେ ବାଦ ।

36. (1) ଯେଉଁଠାରେ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ କୌଣସି ଅଭିଭାବକ ପୂର୍ବୋକ୍ତ ପ୍ରକାରର କୌଣସି ବନ୍ଧପତ୍ର ଦେଇ ନ ଥାନ୍ତି ସେଠାରେ ନ୍ୟାୟାଳୟର ଅନୁମତିକ୍ରମେ ଯେ କୌଣସି ବ୍ୟକ୍ତି ବାଦ ମିତ୍ରଭାବେ ପ୍ରତିପାଲ୍ୟର ନାବାଳକତା ଗ୍ଭଲୁ ରହିଥିବା ମଧ୍ୟରେ ଯେକୌଣସି ସମୟରେ ତଥା ପୂର୍ବୋକ୍ତମତେ ଯେକୌଣସି ସର୍ତ୍ତର ସାପେକ୍ଷ ହୋଇ ପ୍ରତିପାଲ୍ୟ ସମ୍ପତ୍ତି ସକ୍ରାନ୍ତରେ ଅଭିଭାବକ ଯାହା ପାଇଛନ୍ତି ତାହାର ହିସାବ ଲାଗି ଅଭିଭାବକଙ୍କ ବିରୋଧରେ କିମ୍ବା ତାଙ୍କର ମୃତ୍ୟୁସ୍ଥଳେ ତାଙ୍କର ପ୍ରତିନିଧିଙ୍କ ବିରୋଧରେ ଏକ ବାଦ ଦାଏର କରିପାରିବେ ଏବଂ ବାଦରେ ଯଥାସ୍ଥିତି, ଅଭିଭାବକ ବା ତାଙ୍କ ପ୍ରତିନିଧିଙ୍କ ଦ୍ୱାରା ଦେୟ ବୋଲି ଯାହା ନିର୍ଣ୍ଣିତ ହୋଇପାରେ ସେହି ପରିମାଣ ପ୍ରତିପାଲ୍ୟ ପାଇଁ ନ୍ୟାସୀ ଭାବରେ ଅସୁଲ କରିପାରିବେ ।

(2) ଉପଧାରା (1)ର ଉପବନ୍ଧଗୁଡ଼ିକ ତାହା ଯେଉଁ ପର୍ଯ୍ୟନ୍ତ ଜଣେ ଅଭିଭାବକଙ୍କ ବିରୁଦ୍ଧରେ କୌଣସି ବାଦ ସମ୍ପର୍କରେ ହୋଇଥାଏ ଏହି ଅଧିନିୟମ ଦ୍ୱାରା ସଂଶୋଧିତ ହେବା ପ୍ରକାରେ ସିଭିଲ ପ୍ରକ୍ରିୟା ସଂହିତାର ଧାରା 440ର ଉପବନ୍ଧଗୁଡ଼ିକର ବଶବର୍ତ୍ତୀ ହେବ ।

ନ୍ୟାସୀ ଭାବେ ଅଭିଭାବକଙ୍କ ସାଧାରଣ ଦାୟିତ୍ୱ ।

37. ପୂର୍ବଗାମୀ ଶେଷ ଦୁଇ ଧାରା ମଧ୍ୟରୁ କୌଣସି ଧାରାରେ ଅଭିବ୍ୟକ୍ତ ଭାବେ ଉପବନ୍ଧିତ ହୋଇ ନ ଥିବା ଯେଉଁ ଉପଗ୍ଭର ଅନ୍ୟ କୌଣସି ହିତାଧିକାରୀ ବା ତାଙ୍କ ପ୍ରତିନିଧି ତାଙ୍କର ନ୍ୟାସୀ ବା ନ୍ୟାସୀଙ୍କର ପ୍ରତିନିଧିଙ୍କ ବିରୋଧରେ ପାଇଥାନ୍ତେ କୌଣସି ପ୍ରତିପାଲ୍ୟ ବା ତାଙ୍କ ପ୍ରତିନିଧି ତାଙ୍କର ଅଭିଭାବକ ବା ଅଭିଭାବକଙ୍କର ପ୍ରତିନିଧିଙ୍କ ବିରୋଧରେ ସେହି ଉପଗ୍ଭର ପାଇବାରୁ ସେହି ଉଭୟ ଧାରାର କୌଣସି ବିଷୟ ତାହାଙ୍କୁ ବଞ୍ଚିତ କରୁଅଛି ବୋଲି ଅର୍ଥ କରାଯିବ ନାହିଁ ।

## ଅଭିଭାବକତ୍ୱର ପରିସମାପ୍ତି

ସମ୍ମୁକ୍ତ ଅଭିଭାବକ-ମାନଙ୍କ ମଧ୍ୟରେ ଉତ୍ତରଜୀବିତା ଅଧିକାର ।

38. ଦୁଇ ବା ତତୋଧିକ ସଂଯୁକ୍ତ ଅଭିଭାବକଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଲେ ନ୍ୟାୟାଳୟ ଦ୍ୱାରା ପୁଣି ଏକ ନିଯୁକ୍ତି ହେବା ଯାଏ ଅଭିଭାବକତ୍ୱ ଉତ୍ତରଜୀବୀ ବା ଉତ୍ତରଜୀବୀମାନଙ୍କ ଠାରେ ଗ୍ଭଲୁ ରହିବ ।

ଅଭିଭାବକଙ୍କର ଅପସାରଣ ।

39. ନ୍ୟାୟାଳୟ ଯେ କୌଣସି ସ୍ୱାର୍ଥବଦ୍ଧ ବ୍ୟକ୍ତିଙ୍କର ଦରଖାସ୍ତ ଉପରେ ନତବା ସ୍ୱତଃପ୍ରବୃତ୍ତ ହୋଇ ସେହି ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ କୌଣସି ଅଭିଭାବକଙ୍କୁ ଅଥବା ଉଇଲ୍ ବା ଅନ୍ୟ ଦଲିଲ ଦ୍ୱାରା ନିଯୁକ୍ତ କୌଣସି ଅଭିଭାବକଙ୍କୁ ନିମ୍ନଲିଖିତ ଯେକୌଣସି କାରଣବସତଃ ଅପସାରଣ କରିପାରିବ, ଯଥା—

(କ) ତାଙ୍କ ନ୍ୟାସ ଅପବ୍ୟବହାର ଲାଗି;

(ଖ) ତାଙ୍କ ନ୍ୟାସର କର୍ତ୍ତବ୍ୟ ପାଳନ ଧାରାବାହିକ ଭାବେ ନ କରିବା ଲାଗି;

(ଗ) ତାଙ୍କ ନ୍ୟାସର କର୍ତ୍ତବ୍ୟ ପାଳନ କରିବାରେ ଅକ୍ଷମତା ଲାଗି;

(ଘ) ତାଙ୍କ ପ୍ରତିପାଲ୍ୟଙ୍କୁ ଦୁର୍ବ୍ୟବହାର କରିବା ବା ତାଙ୍କର ଉପଯୁକ୍ତ ଯତ୍ନ ନେବାରେ ହେଳା କରିବା ଲାଗି;

(ଙ) ଏହି ଅଧିନିୟମର କୌଣସି ଉପବନ୍ଧର ବା ନ୍ୟାୟାଳୟର କୌଣସି ଆଦେଶ ଧୃଷ୍ଟତାପୂର୍ଣ୍ଣ ଅବହେଳା ଲାଗି;

(ଚ) ନ୍ୟାୟାଳୟର ମତରେ ଯେଉଁ ଚରିତ୍ରଗତ ତ୍ରୁଟି ତାଙ୍କୁ ତାଙ୍କ ପ୍ରତିପାଲ୍ୟର ଅଭିଭାବକ ହେବାପାଇଁ ଅନୁପଯୁକ୍ତ କରାଏ ସେହିପରି ତ୍ରୁଟି ଜଡ଼ିତ କୌଣସି ଅପରାଧ ହେତୁ ଦୋଷସିଦ୍ଧି ଲାଗି;

(ଛ) ତାଙ୍କର କର୍ତ୍ତବ୍ୟର ନିଷ୍ଠାପୂର୍ବକ ପାଳନର ପ୍ରତିକୂଳ କୌଣସି ସ୍ୱାର୍ଥ ତାଙ୍କର ଥିବା ଲାଗି;

(ଜ) ନ୍ୟାୟାଳୟର ଅଧିକାରିତାର ଆଞ୍ଚଳିକ ସୀମା ମଧ୍ୟରେ ଆଉ ବାସ କରୁ ନ ଥିବା ଲାଗି;

(ଝ) କୌଣସି ସମ୍ପତ୍ତିର ଅଭିଭାବକଙ୍କ କ୍ଷେତ୍ରରେ ପରିଶୋଧ ଅକ୍ଷମ ହେବା ବା ଦେବାଳିଆ ହେବା ଲାଗି;

(ଞ) ନାବାଳକ ଯେଉଁ ବିଧିର ବଶବର୍ତ୍ତୀ ଅଟେ ସେହି ବିଧି ଅଧୀନରେ ଅଭିଭାବକଙ୍କର ସମାପ୍ତ ହେଉଥିବା କିମ୍ବା ସମାପ୍ତି ଯୋଗ୍ୟ କାରଣ:

ପରନ୍ତୁ, ଉଇଲ ବା ଅନ୍ୟ ଦସ୍ତାବିଜ ଦ୍ୱାରା ନିଯୁକ୍ତ କୌଣସି ଅଭିଭାବକ ସେ ଏହି ଅଧିନିୟମ ଅଧୀନରେ ଘୋଷିତ ହୋଇଥାନ୍ତୁ କି ନ ହୋଇଥାନ୍ତୁ,

(କ) ତାଙ୍କୁ ନିଯୁକ୍ତି ଦେଇଥିବା ବ୍ୟକ୍ତିଙ୍କ ମୃତ୍ୟୁପରେ ସେହି ପ୍ରତିକୂଳ ସ୍ୱାର୍ଥର ଉଦ୍ଭବ ହୋଇ ନ ଥିଲେ କିମ୍ବା ସେହି ବ୍ୟକ୍ତି ପ୍ରତିକୂଳ ସ୍ୱାର୍ଥ ଥିବା ବିଷୟରେ ଅଜ୍ଞ ଥାଇ ନିଯୁକ୍ତ ନେଇଥିଲେ ଓ ତାହାକୁ ଗ୍ଭଲୁ ରଖିଥିଲେ ବୋଲି ଦର୍ଶା ନ ଗଲେ ଖଣ୍ଡ (ଛ)ରେ ବର୍ଣ୍ଣିତ କାରଣ ଲାଗି, ବା

(ଖ) ନ୍ୟାୟାଳୟର ମତରେ ଯେଉଁ ନିବାସ ଯୋଗେ ଅଭିଭାବକ ତାଙ୍କ କର୍ତ୍ତବ୍ୟ କରିବା ସମ୍ଭବ ହେବ ନାହିଁ ସେ ସେପରି ଏକ ନିବାସ ନେଇ ନ ଥିଲେ ଖଣ୍ଡ (କ)ରେ ବର୍ଣ୍ଣିତ କାରଣ ଲାଗି,

ଅପସାରିତ ହେବେ ନାହିଁ ।

ଅଭିଭାବକଙ୍କର ସେବାମୁକ୍ତି ।

40. (1) ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ କୌଣସି ଅଭିଭାବକ ତାଙ୍କ ପଦରୁ ଇସ୍ତଫା ଦେବାକୁ ଇଚ୍ଛା କଲେ ସେ ସେବାମୁକ୍ତି ହେବା ଲାଗି ନ୍ୟାୟାଳୟଙ୍କୁ ଦରଖାସ୍ତ ଦେଇ ପାରିବେ ।

(2) ଯଦି ନ୍ୟାୟାଳୟ ଦେଖେ ଯେ ଦରଖାସ୍ତଟି ଲାଗି ଯଥେଷ୍ଟ କାରଣ ରହିଛି ତେବେ ନ୍ୟାୟାଳୟ ତାଙ୍କୁ ସେବାମୁକ୍ତ କରିବ ଏବଂ ଦରଖାସ୍ତ କରୁଥିବା ଅଭିଭାବକ ଯଦି କଲେକ୍‌ଟର ହୋଇଥାନ୍ତି ଏବଂ ରାଜ୍ୟ ସରକାର ତାଙ୍କୁ ସେବାମୁକ୍ତ ହେବାପାଇଁ ଦରଖାସ୍ତ କରିବାକୁ ଅନୁମୋଦନ କରନ୍ତି ତେବେ ନ୍ୟାୟାଳୟ ଯେକୌଣସି ମତେ ତାଙ୍କୁ ସେବାମୁକ୍ତ କରିବ ।

ଅଭିଭାବକଙ୍କର ପ୍ରାଧିକାରର ସମାପ୍ତି ।

41. (1) ଜଣେ ଶରୀରର ଅଭିଭାବକଙ୍କର କ୍ଷମତା ନିମ୍ନଲିଖିତସ୍ଥଳେ ସମାପ୍ତ ହେବ—

(କ) ତାଙ୍କର ମୃତ୍ୟୁ, ଅପସାରଣ ବା ସେବାମୁକ୍ତି ଦ୍ୱାରା;

(ଖ) ପ୍ରତିପାଲ୍ୟ ଅଧିକରଣ ପ୍ରତିପାଲ୍ୟର ଶରୀରର ରକ୍ଷଣାବେକ୍ଷଣ ଗ୍ରହଣ କରିବା ଦ୍ୱାରା,

(ଗ) ପ୍ରତିପାଲ୍ୟ ଆଉ ନାବାଳକ ନ ରହିବା ଦ୍ୱାରା,

(ଘ) ଜଣେ ସ୍ତ୍ରୀ ପ୍ରତିପାଲ୍ୟ କ୍ଷେତ୍ରରେ ତାହାର ଶରୀରର ଅଭିଭାବକ ହେବାକୁ ଅନୁପଯୁକ୍ତ ହୋଇ ନ ଥିବା ପରି ସ୍ୱାମୀଙ୍କୁ ସେ ବିବାହ କରିବା ଦ୍ୱାରା ନତୁବା ଯଦି ଅଭିଭାବକ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ ହୋଇଥାନ୍ତି ତେବେ ନ୍ୟାୟାଳୟଙ୍କ ମତରେ ଏଭଳି ଅନୁପଯୁକ୍ତ ହୋଇ ନ ଥିବା ସ୍ୱାମୀଙ୍କୁ ସେ ବିବାହ କରିବା ଦ୍ୱାରା, ବା

(ଙ) ଯେଉଁ ପ୍ରତିପାଲ୍ୟର ପିତା ପ୍ରତିପାଲ୍ୟର ଅଭିଭାବକ ହେବାକୁ ଅନପଯୁକ୍ତ ଥିଲେ ସେହି କ୍ଷେତ୍ରରେ ସେହି ପିତା ଆଉ ସେପରି ଅନୁପଯୁକ୍ତ ନ ରହିବା ଦ୍ୱାରା ନତୁବା ଯଦି ସେହି ପିତା ଏଭାବେ ଅନୁପଯୁକ୍ତ ବୋଲି ନ୍ୟାୟାଳୟ ଦ୍ୱାରା ବିବେଚିତ ହୋଇଥାନ୍ତି ତେବେ ନ୍ୟାୟାଳୟର ମତରେ ସେ ଆଉ ଏପରି ନ ରହିବା ଦ୍ୱାରା ।

(2) ଜଣେ ସଂପତ୍ତିର ଅଭିଭାବକଙ୍କର କ୍ଷମତା ନିମ୍ନଲିଖିତସ୍ଥଳେ ସମାପ୍ତ ହେବ—

(କ) ତାଙ୍କର ମୃତ୍ୟୁ, ଅପସାରଣ, ସେବାମୁକ୍ତି ଦ୍ୱାରା,

(ଖ) ପ୍ରତିପାଲ୍ୟ ଅଧିକରଣ ପ୍ରତିପାଲ୍ୟର ସଂପତ୍ତିର ରକ୍ଷଣାବେକ୍ଷଣ ଗ୍ରହଣ କରିବା ଦ୍ୱାରା, ବା

(ଗ) ପ୍ରତିପାଲ୍ୟ ଆଉ ନାବାଳକ ନ ରହିବା ଦ୍ୱାରା ।

(3) ଯେବେ କୌଣସି କାରଣରୁ ଜଣେ ଅଭିଭାବକଙ୍କର କ୍ଷମତା ଆଉ ରହେ ନାହିଁ ତେବେ ତାଙ୍କ ଦଖଲ ବା ନିୟନ୍ତ୍ରଣରେ ଥିବା ପ୍ରତିପାଲ୍ୟର ଯେ କୌଣସି ସଂପତ୍ତି ବା ତାଙ୍କ ଦଖଲ ବା ନିୟନ୍ତ୍ରଣରେ ଥିବା ପ୍ରତିପାଲ୍ୟର କୌଣସି ଭୂତ ବା ବର୍ତ୍ତମାନ ସଂପତ୍ତି ସଂକ୍ରାନ୍ତ ହିସାବପତ୍ରକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ପ୍ରକାରେ ଦେବାକୁ ନ୍ୟାୟାଳୟ ତାଙ୍କୁ ବା ଯଦି ସେ ମୃତ ହୋଇଥାନ୍ତି ତେବେ ତାଙ୍କ ପ୍ରତିନିଧିଙ୍କୁ ଆବଶ୍ୟକ କରିପାରିବ ।

(4) ନ୍ୟାୟାଳୟ ଆବଶ୍ୟକ କରିବା ପ୍ରକାରେ ସେ ସମ୍ପତ୍ତି ବା ହିସାବପତ୍ର ଦେଇ ଦେଲେ ନ୍ୟାୟାଳୟ, ଯେଉଁ ପ୍ରବଞ୍ଚନା ପରକାଳରେ ପ୍ରକଟ ହୋଇପାରେ ତାହା ବ୍ୟତିରେକେ ଅନ୍ୟ କ୍ଷେତ୍ରରେ ତାଙ୍କ ଦାୟିତ୍ୱରୁ ସେ ମୁକ୍ତ ବୋଲି ଘୋଷିତ କରିପାରିବ ।

ମୃତ, ସେବାମୁକ୍ତ ବା ଅପସାରିତ ହେବା ଅଭିଭାବକଙ୍କର ଉତ୍ତରବର୍ତ୍ତୀଙ୍କ ନିଯୁକ୍ତି ।

42. ଯେବେ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ କୌଣସି ଅଭିଭାବକ ସେବା ମୁକ୍ତ ହୁଅନ୍ତି ବା ପ୍ରତିପାଲ୍ୟ ଯେଉଁ ବିଧିର ବଶବର୍ତ୍ତୀ ସେହି ବିଧିଅଧୀନରେ କାର୍ଯ୍ୟ କରିବାକୁ ଆଉ ହକ୍‌ଦାର ନ ହୁଅନ୍ତି କିମ୍ବା ଯେବେ ଏପରି କୌଣସି ଅଭିଭାବକ ଅଥବା ଉଇଲ ବା ଅନ୍ୟ ଦସ୍ତାବିଜ ଦ୍ୱାରା ନିଯୁକ୍ତ କୌଣସି ଅଭିଭାବକ ଅପସାରିତ ବା ମୃତ ହୁଅନ୍ତି ତେବେ ନ୍ୟାୟାଳୟ ସ୍ୱତଃପ୍ରବୃତ୍ତ ହୋଇ ଅଥବା ଅଧ୍ୟାୟ II ଅନୁଯାୟୀ ଦରଖାସ୍ତ ଉପରେ ପ୍ରତିପାଲ୍ୟ ଜଣକ ତଥାପି ନାବାଳକ ରହିଥିଲେ ତାହାର ଯଥାସ୍ଥିତି, ଶରୀରର ବା ସଂପତ୍ତିର ବା ଉଭୟର ଅନ୍ୟ ଜଣେ ଅଭିଭାବକଙ୍କୁ ନିଯୁକ୍ତ ବା ଘୋଷିତ କରିପାରିବ ।

## ଅଧ୍ୟାୟ IV

### ଅନୁପୂରକ ଉପବନ୍ଧ

*ଅଭିଭବକମାନଙ୍କର ଆଚରଣ ବା କାର୍ଯ୍ୟବିଧିକୁ ବିନିୟମିତ କରିବା ଲଗି ଆଦେଶାବଳୀ ଏବଂ ସେହି ଆଦେଶାବଳୀର ପ୍ରବର୍ତ୍ତନ ।*

43. (1) ନ୍ୟାୟାଳୟ ଯେକୌଣସି ହିତବଦ୍ଧ ବ୍ୟକ୍ତିଙ୍କର ଦରଖାସ୍ତ ଉପରେ ଅଥବା ସ୍ୱତଃପ୍ରବୃତ୍ତ ହୋଇ ସେହି ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ ଯେକୌଣସି ଅଭିଭାବକଙ୍କର ଆଚରଣ ବା କାର୍ଯ୍ୟବିଧିକୁ ବିନିୟମିତ କରି ଏକ ଆଦେଶ ଦେଇ ପାରିବ ।

(2) ଯେଉଁଠାରେ ଜଣେ ପ୍ରତିପାଲ୍ୟର ଏକାଧିକ ଅଭିଭାବକ ଥାଆନ୍ତି ଏବଂ ସେମାନେ ପ୍ରତିପାଲ୍ୟର କଲ୍ୟାଣ ବିଷୟକ କୌଣସି ପ୍ରଶ୍ନ ନେଇ ସହମତ ହେବାକୁ ଅସମର୍ଥ ହୁଅନ୍ତି ସେଠାରେ ସେମାନଙ୍କ ମଧ୍ୟରୁ ଯେ କେହି ନ୍ୟାୟାଳୟର ନିର୍ଦ୍ଦେଶ ପାଇଁ ନ୍ୟାୟାଳୟକୁ ଦରଖାସ୍ତ କରି ପାରିବେ ଏବଂ ନ୍ୟାୟାଳୟ ଉଚିତ ଭାବିବା ପ୍ରକାରେ ମତଭେଦ ବିଷୟରେ ଆଦେଶ ଦେଇ ପାରିବ ।

(3) ଉପଧାରା (1) ବା ଉପଧାରା (2) ଅଧୀନରେ ଏକ ଆଦେଶ ଦିଆଯିବାର ଉଦ୍ଦେଶ୍ୟ ବିଳମ୍ବ ଯୋଗୁଁ ପରାହତ ହେବ ବୋଲି ପ୍ରତୀତ ହେବାସ୍ଥଳ ଛଡ଼ା ଅନ୍ୟ ସ୍ଥଳେ ନ୍ୟାୟାଳୟ ଆଦେଶ ଦେବା ପୂର୍ବରୁ ଯଥାସ୍ଥିତି, ତଦର୍ଥକ ଦରଖାସ୍ତର ବା ତାହା କରିବାକୁ ନ୍ୟାୟାଳୟର ଅଭିପ୍ରାୟର ସୂଚନା ଉପଧାରା (1) ଅଧୀନ କ୍ଷେତ୍ରରେ ଅଭିଭାବକଙ୍କୁ କିମ୍ବା ଉପଧାରା (2) ଅଧୀନ କ୍ଷେତ୍ରରେ ଦରଖାସ୍ତ ଦେଇ ନ ଥିବା ଅଭିଭାବକଙ୍କୁ ଦିଆଯିବାକୁ ନିର୍ଦ୍ଦେଶ ଦେବ ।

(4) ଉପଧାରା (1) ବା ଉପଧାରା (2) ଅଧୀନରେ ହୋଇଥିବା ଆଦେଶର ଅବଜ୍ଞା କ୍ଷେତ୍ରରେ ଉପଧାରା (1) ସ୍ଥଳେ ପ୍ରତିପାଲ୍ୟବାଦୀ ବା ଅଭିଭବକ ପ୍ରତିବାଦୀ ହୋଇଥିଲେ ନତୁବା ଉପଧାରା (2) ସ୍ଥଳେ ଦରଖାସ୍ତ କରିଥିବା ଅଭିଭାବକ ବାଦୀ ଓ ଅନ୍ୟ ଅଭିଭାବକ ପ୍ରତିବାଦୀ ହୋଇଥିଲେ ସିଭିଲ ପ୍ରକ୍ରିୟା ସଂହିତାର ଧାରା 492 ବା ଧାରା 493 ଅଧୀନରେ ଦିଆଯାଇଥିବା କୌଣସି ଆଦେଶ ଯେଉଁ ରୀତିରେ ପ୍ରବର୍ତ୍ତିତ ହୋଇଥାଆନ୍ତା ଠିକ୍ ସେହି ରୀତିରେ ପ୍ରବର୍ତ୍ତିତ ହୋଇ ପାରିବ ।

(5) ଉପଧାରା (2) ଅଧୀନ କ୍ଷେତ୍ରରେ ନ ହୋଇ ଅନ୍ୟ କ୍ଷେତ୍ରରେ ଯେଉଁ କଲେକ୍ଟର, କଲେକଟର ଭାବେ ଜଣେ ଅଭିଭାବକ ହୋଇ ଥାଆନ୍ତି ତାଙ୍କ ପ୍ରତି ଏହି ଧାରାର କୌଣସି ବିଷୟ ଲାଗୁ ହେବନାହିଁ ।

*ଅଧିକାରିତା ମଧ୍ୟରୁ ପ୍ରତିପାଲ୍ୟକୁ ଅପସାରିତ କରିବା ପାଇଁ ଶାସ୍ତି ।*

44. ଯଦି ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ କୌଣସି ଅଭିଭାବକ ଧାରା 26 ର ଉପବନ୍ଧମାନଙ୍କର ଉଲ୍ଲଂଘନ କରି ପ୍ରତିପାଲ୍ୟକୁ ନ୍ୟାୟାଳୟର ଅଧିକାରିତା ଥିବା ସୀମା ମଧ୍ୟରୁ ଏହି ଉଦ୍ଦେଶ୍ୟରେ ଅପସାରିତ କରନ୍ତି ବା ତାହାର ପରିମାଣ ଏହା ହୁଏ ଯେ ପ୍ରତିପାଲ୍ୟ ସଂପର୍କରେ ନ୍ୟାୟାଳୟ ନିଜର ପ୍ରାଧିକାର ପ୍ରୟୋଗ କରି ନ ପାରେ ତେବେ ସେ ନ୍ୟାୟାଳୟର ଆଦେଶ କ୍ରମେ ଅନଧିକ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟାପ୍ୟ ଜୋରିମାନାରେ ଦାୟୀ ହେବେ କିମ୍ବା ସିଭିଲ ଜେଲରେ ଛଅମାସ ପର୍ଯ୍ୟନ୍ତ ବ୍ୟାପ୍ୟ ଅବଧି ନିମନ୍ତେ କାରାବାସ ପାଇଁ ଦାୟୀ ହେବେ ।

*ଧୃଷ୍ଟତା ନିମିତ୍ତ ଶାସ୍ତି ।*

45. (1) ନିମ୍ନୋକ୍ତ କ୍ଷେତ୍ରରେ ଯଥା:—

(କ) ଯଦି କୌଣସି ନାବାଳକର ଶରୀରର ହେପାଜତ ରଖୁଥିବା କୌଣସି ବ୍ୟକ୍ତି ଧାରା 12 ର ଉପଧାରା (1) ଅଧୀନରେ ନିର୍ଦ୍ଦେଶର ପାଳନ କରି ତାଙ୍କୁ ହାଜର କରାନ୍ତି ନାହିଁ ବା ହାଜର ହେବା ବ୍ୟବସ୍ଥା କରାନ୍ତି ନାହିଁ ଅଥବା ଧାରା 25 ର ଉପଧାରା (1) ଅଧୀନରେ ଏକ ଆଦେଶ ପାଳନ କରି ତାଙ୍କ ଅଭିଭାବକଙ୍କ ହେପାଜତକୁ ଫେରିବାକୁ ତାଙ୍କୁ ସାଧ୍ୟାନୁସାରେ ବାଧ୍ୟ କରନ୍ତି ନାହିଁ, ଅଥବା

(ଖ) ଯଦି ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ ଅଭିଭାବକ ଧାରା 34 ର ଖଣ୍ଡ (ଖ) ଦ୍ୱାରା ବା ଅଧୀନରେ ଦିଆଯାଇଥିବା ସମୟ ମଧ୍ୟରେ ସେହି ଖଣ୍ଡ ଅଧୀନରେ ଆବଶ୍ୟକ ହେଉଥିବା ଏକ ବିବୃତି ନ୍ୟାୟାଳୟକୁ ପ୍ରଦାନ କରନ୍ତି ନାହିଁ କିମ୍ବା ସେହି ଧାରାର ଖଣ୍ଡ (ଗ) ଅଧୀନରେ କୌଣସି ଆବଶ୍ୟକତାର ପାଳନ କ୍ରମେ ହିସାବ ପତ୍ର ପ୍ରଦର୍ଶନ କରନ୍ତି ନାହିଁ କିମ୍ବା ସେହି ଧାରାର ଖଣ୍ଡ (ଘ) ଅନୁଯାୟୀ କୌଣସି ଆବଶ୍ୟକତାର ପାଳନ କ୍ରମେ ସେହି ହିସାବ ପତ୍ରରେ ତାଙ୍କଠାରୁ ପ୍ରାପ୍ୟ ଅବଶେଷ ନ୍ୟାୟାଳୟରେ ଦିଅନ୍ତି ନାହିଁ ଅଥବା,

(ଗ) ଯେଉଁ ବ୍ୟକ୍ତି ଆଉ ଅଭିଭାବକ ନ ରହନ୍ତି ସେହି ବ୍ୟକ୍ତି ବା ସେପରି ବ୍ୟକ୍ତିଙ୍କର ପ୍ରତିନିଧି ଧାରା 41 ର ଉପଧାରା (3) ଅଧୀନରେ କୌଣସି ଆବଶ୍ୟକତାର ପାଳନ କ୍ରମେ ଯଦି କୌଣସି ସଂପତ୍ତି ବା ହିସାବ ପତ୍ର ଦିଅନ୍ତି ନାହିଁ,

ତାହାହେଲେ, ଯଥାସ୍ଥିତି, ସେହି ବ୍ୟକ୍ତି ଅଭିଭାବକ ବା ପ୍ରତିନିଧି ନ୍ୟାୟାଳୟର ଆଦେଶ କ୍ରମେ ଅନଧିକ ଏକ ଶହ ଟଙ୍କା ପର୍ଯ୍ୟନ୍ତ ବ୍ୟାପ୍ୟ ଜୋରିମାନା ପାଇଁ ଏବଂ ଅବଜ୍ଞା ଚାଲୁ ରହିଥିବା କ୍ଷେତ୍ରରେ ଦୋଷ ଲାଗି ରହିଥିବା କାଳରେ ପ୍ରଥମ ଦିନ ପରେ ପ୍ରତ୍ୟେକ ଦିନ ପାଇଁ ଅନଧିକ ଦଶ ଟଙ୍କା ଏବଂ ସର୍ବମୋଟ ଅନଧିକ ପାଞ୍ଚ ଶହ ଟଙ୍କା ଯାଏଁ

ଅଧିକତର ଜୋରିମାନା ପାଇଁ ଏବଂ ସେ ଯଥାସ୍ଥିତି, ନାବାଳକଙ୍କୁ ହାଜର କରାଇବାକୁ ବା ହାଜର କରାଇବାର ବ୍ୟବସ୍ଥା କରିବାକୁ ବା ନାବାଳକର ପ୍ରତ୍ୟାବର୍ତ୍ତନକୁ ବାଧ୍ୟ କରିବାକୁ ବା ବିବୃତିଟି ଦେବାକୁ ବା ହିସାବ ପତ୍ର ପ୍ରଦର୍ଶିତ କରିବାକୁ ବା ଅବଶେଷ ପ୍ରଦାନ କରିବାକୁ ବା ସଂପତ୍ତି ବା ହିସାବ ପତ୍ର ଦେବାକୁ ବଚନବଦ୍ଧ ହେବାଯାଏଁ ସିଭିଲ ଜେଲରେ ଅଟକ ରହିବାକୁ ଦାୟୀ ହେବେ ।

(2) ଯଦି ଉପଧାରା (1) ଅଧୀନରେ ଅଙ୍ଗୀକାର ବଚନ ଦେଇ ଅଟକରୁ ମୁକୁଳିଥିବା କୌଣସି ବ୍ୟକ୍ତି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ସମୟ ମଧ୍ୟରେ ଅଙ୍ଗୀକାର ବଚନ ପାଳନ କରନ୍ତି ନାହିଁ, ତେବେ ନ୍ୟାୟାଳୟ ତାଙ୍କୁ ଗିରଫ କରାଇ ସିଭିଲ ଜେଲକୁ ପୁନରାୟ ପଠାଇ ପାରିବ ।

**କଲେକ୍ଟର ଓ ଅଧୀନସ୍ଥ ନ୍ୟାୟାଳୟ-ମାନଙ୍କ ଦ୍ୱାରା ରିପୋର୍ଟ ।**

46. (1) ନ୍ୟାୟାଳୟ ଏହି ଅଧିନିୟମର ଯେକୌଣସି କାର୍ଯ୍ୟବାହୀରେ ଉଦ୍‌ଭୂତ ଯେକୌଣସି ବିଷୟ ନେଇ ଏକ ରିପୋର୍ଟ ଲାଗି କଲେକ୍ଟରଙ୍କଠାରୁ ବା ନ୍ୟାୟାଳୟର ଅଧୀନସ୍ଥ ଯେକୌଣସି ନ୍ୟାୟାଳୟଠାରୁ ମାଗି ପାରିବ ଏବଂ ରିପୋର୍ଟଟିକୁ ସାକ୍ଷ୍ୟ ଭାବେ ଧରି ନେଇ ପାରିବ ।

(2) ରିପୋର୍ଟଟିକୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଯଥାସ୍ଥିତି, କଲେକ୍ଟର ବା ଅଧୀନସ୍ଥ ନ୍ୟାୟାଳୟର ନ୍ୟାୟାଧୀଶ ନିଜେ ଯେପରି ଆବଶ୍ୟକ ବିବେଚନା କରନ୍ତି ସେପରି ତଦନ୍ତ କରିବେ ଏବଂ ତଦନ୍ତ ଉଦ୍ଦେଶ୍ୟରେ ସାକ୍ଷ୍ୟ ଦେବାକୁ ବା କୌଣସି ଦସ୍ତାବିଜ ପେଶ କରିବାକୁ ଜଣେ ସାକ୍ଷୀଙ୍କ ହାଜିରିକୁ ବାଧ୍ୟ କରିବା ଲାଗି ଯେଉଁ କ୍ଷମତା ସିଭିଲ ପ୍ରକ୍ରିୟା ସଂହିତା ଦ୍ୱାରା ନ୍ୟାୟାଳୟଠାରେ ଅର୍ପିତ ଅଟେ ସେହି କ୍ଷମତାକୁ ତଦନ୍ତ ଉଦ୍ଦେଶ୍ୟରେ ପ୍ରୟୋଗ କରିପାରିବେ ।

**ଅପିଲ ଯୋଗ୍ୟ ଆଦେଶାବଳୀ ।**

47. କୌଣସି ନ୍ୟାୟାଳୟ କରିଥିବା ନିମ୍ନଲିଖିତ ଆଦେଶ ଉପରେ ଉଚ୍ଚ ନ୍ୟାୟାଳୟଠାରେ ଅପିଲ ହୋଇ ପାରିବ—

(କ) ଧାରା 7 ଅଧୀନରେ ଜଣେ ଅଭିଭାବକଙ୍କୁ ନିଯୁକ୍ତ ବା ଘୋଷିତ କରିବା ବା ନିଯୁକ୍ତ ବା ଘୋଷିତ କରିବାକୁ ମନା କରିବା, ବା

(ଖ) ଧାରା 9ର ଉପଧାରା (3) ଅଧୀନରେ ଦରଖାସ୍ତ ଫେରାଇବା; ବା

(ଗ) ଧାରା 25 ଅଧୀନରେ କୌଣସି ପ୍ରତିପାଲ୍ୟଙ୍କୁ ତାହାର ଅଭିଭାବକଙ୍କର ହେପାଜତକୁ ଫେରାଇ ଦେବା ଲାଗି ଆଦେଶ ଦେବା କିମ୍ବା ଦେବାକୁ ମନା କରିବା; ବା

(ଘ) ଧାରା 26 ଅଧୀନରେ ନ୍ୟାୟାଳୟର ଅଧିକାରିତାର ସୀମାରୁ କୌଣସି ପ୍ରତିପାଲ୍ୟର ଅପସାରଣ ପାଇଁ ଅନୁମତିକୁ ମନା କରିବା ବା ସେ ସଂପର୍କରେ ସର୍ତ୍ତାବଳୀ ଆରୋପ କରିବା; ବା

(ଙ) ଧାରା 28 ବା ଧାରା 29 ଅଧୀନରେ, ଧାରାଟିରେ ଉଲ୍ଲିଖିତ ଯେକୌଣସି କାର୍ଯ୍ୟ କରିବାକୁ ଅଭିଭାବକଙ୍କୁ ଅନୁମତି ଦେବାକୁ ମନା କରିବା ; ବା

(ଚ) ଧାରା 32 ଅଧୀନରେ କୌଣସି ଅଭିଭାବକଙ୍କର କ୍ଷମତାକୁ ପରିସ୍ଫୁଟ, ସୀମିତ ବା ବିସ୍ତାରିତ କରିବା; ବା

(ଛ) ଧାରା 39 ଅଧୀନରେ କୌଣସି ଅଭିଭାବକଙ୍କୁ ଅପସାରିତ କରିବା; ବା

(ଜ) ଧାରା 40 ଅଧୀନରେ ଜଣେ ଅଭିଭାବକଙ୍କୁ ସେବା ମୁକ୍ତ କରିବାକୁ ମନା କରିବା; ବା

(ଝ) ଧାରା 43 ଅଧୀନରେ କୌଣସି ଅଭିଭାବକଙ୍କର ଆଚରଣ ବା କାର୍ଯ୍ୟବାହୀକୁ ବିନିୟମିତ କରିବା ବା ସଂଯୁକ୍ତ ଅଭିଭାବକମାନଙ୍କ ମଧ୍ୟରେ ମତଭେଦ ଥିବା ବିଷୟରେ ନିଷ୍ପତ୍ତି କରିବା ବା ଆଦେଶଟିକୁ ପ୍ରବର୍ତ୍ତିତ କରିବା ; ବା

(ଞ) ଧାରା 44 ବା ଧାରା 45 ଅଧୀନରେ ଶାସ୍ତି ଦେବା ।

**ଅନ୍ୟାନ୍ୟ ଆଦେଶାବଳୀର ଅନ୍ତିମତା ।**

48. ପୂର୍ବ ଶେଷ ଧାରା ଏବଂ ସିଭିଲ ପ୍ରକ୍ରିୟା ସଂହିତାର ଧାରା 622 ଦ୍ୱାରା ଯେପରି ଉପବନ୍ଧିତ ହୋଇଛି ତାହା ବ୍ୟତିରେକେ ଏହି ଅଧିନିୟମ ଅଧୀନରେ ଦିଆଯାଇଥିବା ଆଦେଶ ଅନ୍ତିମ ହେବ ଏବଂ ତାହା ବିରୁଦ୍ଧରେ ବାଦ ବା ଅନ୍ୟ ବିବାଦ ଅଣାଯାଇପାରିବ ନାହିଁ ।

**ଖର୍ଚ୍ଚ**

49. ସିଭିଲ ଜେଲରେ କୌଣସି ଅଭିଭାବକ ବା ଅନ୍ୟ ବ୍ୟକ୍ତିଙ୍କୁ ରଖିବା ଖର୍ଚ୍ଚ ସମେତ ଏହି ଅଧିନିୟମ ଅନୁଯାୟୀ ଯେକୌଣସି କାର୍ଯ୍ୟବାହୀର ଖର୍ଚ୍ଚ ଏହି ଅଧିନିୟମ ଅଧୀନରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଣୀତ ଯେକୌଣସି ନିୟମାବଳୀର ବଶବର୍ତ୍ତୀ ରହି ଯେଉଁ ନ୍ୟାୟାଳୟରେ କାର୍ଯ୍ୟବାହୀ ରହିଥାଏ ସେହି ନ୍ୟାୟାଳୟର ବିବେକାନୁସାରେ ହେବ ।

ନିୟମାବଳୀ ପ୍ରଣୟନ କରିବାକୁ ଉଚ୍ଚ ନ୍ୟାୟାଳୟର କ୍ଷମତା ।

50. ଏହି ଅଧିନିୟମ ଦ୍ୱାରା ନିୟମାବଳୀ ପ୍ରଣୟନ କରିବାକୁ ଅଭିବ୍ୟକ୍ତ ରୂପେ ବା ବିବକ୍ଷିତ ରୂପେ ପ୍ରଦତ୍ତ ଯେକୌଣସି ଅନ୍ୟ କ୍ଷମତା ସାଙ୍ଗକୁ ଉଚ୍ଚନ୍ୟାୟାଳୟ ଏହି ଅଧିନିୟମ ସହ ସଙ୍ଗତି ରକ୍ଷାକରି ବିଭିନ୍ନ ସମୟରେ ନିମ୍ନ ବିଷୟବସ୍ତୁଗୁଡ଼ିକୁ ନେଇ ନିୟମାବଳୀ ପ୍ରଣୟନ କରିପାରିବ:—

(କ) କେଉଁ ବିଷୟ ନେଇ ଓ କେଉଁ ସମୟରେ କଲେକ୍ଟର ଓ ଅଧୀନସ୍ଥ ନ୍ୟାୟାଳୟଗୁଡ଼ିକରୁ ରିପୋର୍ଟ ମଗାଯିବ,

(ଖ) ଅଭିଭବକଙ୍କୁ ଦିଆଯିବା ଓ ସେମାନଙ୍କ ଠାରୁ ଆବଶ୍ୟକ ହେଉଥିବା ପ୍ରତିଭୂତି ନେଇ ଏବଂ ସେହି ଭତ୍ତା କେଉଁ କେଉଁ ସ୍ଥଳେ ଦେବାକୁ ପଡ଼ିବ,

(ଗ) ଧାରା 28 ଓ 29 ରେ ଉଲ୍ଲିଖିତ କାର୍ଯ୍ୟ କରିବାକୁ ଅନୁମତି ପାଇଁ ଅଭିଭବକଙ୍କର ଦରଖାସ୍ତ ବିଷୟରେ ଅନୁସରଣ କରାଯିବା ପ୍ରକ୍ରିୟା,

(ଘ) ଧାରା 34ର ଖଣ୍ଡ (କ), (ଖ), (ଗ) ଓ (ଘ) ରେ ଉଲ୍ଲିଖିତ ପ୍ରକାରେ କେଉଁ କେଉଁ ପରିସ୍ଥିତିରେ ଆବଶ୍ୟକ କରାଯିବ,

(ଙ) ଅଭିଭବକଙ୍କ ଦ୍ୱାରା ଦିଆଯାଇଥିବା ଓ ପ୍ରଦର୍ଶିତ ହୋଇଥିବା ବିବୃତି ଓ ହିସାବପତ୍ରର ପରିରକ୍ଷଣ,

(ଚ) ହିତବନ୍ଧ ବ୍ୟକ୍ତିମାନଙ୍କ ଦ୍ୱାରା ସେହି ବିବୃତି ଓ ହିସାବ ପତ୍ରର ନିରୀକ୍ଷଣ,

(ଚ) (*i*) ଧାରା 34-କ ଅଧୀନରେ ହିସାବ ପତ୍ର ଅଡ଼ିଟ୍ ହେବା, ହିସାବପତ୍ର ଅଡିଟ କରିବା ପାଇଁ ଯେଉଁ ବ୍ୟକ୍ତିମାନଙ୍କୁ ନିଯୁକ୍ତ କରିବାକୁ ପଡ଼ିବ ସେହିମାନଙ୍କର ଶ୍ରେଣୀ ଏବଂ ସେହିମାନଙ୍କୁ ଦେୟ ପାରିଶ୍ରମିକର ହାର,

(ଛ) ପ୍ରତିପାଲ୍ୟର ଧନ ଓ ଧନାର୍ଥ ପ୍ରତିଭୂତିଗୁଡ଼ିକର ହେପାଜତ,

(ଜ) ଯେଉଁ ପ୍ରତିଭୂତିରେ ପ୍ରତିପାଲ୍ୟର ଧନକୁ ବିନିହିତ କରାଯାଇପାରିବ,

(ଝ) ଯେଉଁ ପ୍ରତିପାଲ୍ୟମାନଙ୍କପାଇଁ କଲେକ୍ଟର ହୋଇ ନ ଥିବା ଅଭିଭବକମାନେ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ ହୋଇଥାନ୍ତି ସେହିମାନଙ୍କର ଶିକ୍ଷା;

(ଞ) ସାଧାରଣତଃ ଏହି ଅଧିନିୟମର ଉଦ୍ଦେଶ୍ୟକୁ କାର୍ଯ୍ୟନ୍ୱିତ କରିବାରେ ନ୍ୟାୟାଳୟଗୁଡ଼ିକର ମାର୍ଗ-ଦର୍ଶନ ପାଇଁ ।

(2) ଉପଧାରା (1)ର ଖଣ୍ଡ (କ) ଓ (ଝ) ଅଧୀନ ନିୟମାବଳୀ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ନ ହେବା ଯାଏ ପ୍ରଭବୀ ହେବ ନାହିଁ କି ଏହି ଧାରା ଅଧୀନ କୌଣସି ନିୟମ ସରକାରୀ ଗେଜେଟ୍‌ରେ ପ୍ରକାଶିତ ନ ହେବା ଯାଏ ପ୍ରଭବୀ ହେବନାହିଁ ।

ନ୍ୟାୟାଳୟଦ୍ୱାରା ନିଯୁକ୍ତ ହୋଇ-ସାରିଥିବା ଅଭିଭବକଙ୍କ ପ୍ରତି ଅଧିନିୟମର ପ୍ରୟୋଗ ।

51. ଏହି ଅଧିନିୟମ ଦ୍ୱାରା ନିରସିତ ଯେକୌଣସି ଅଧିନିୟମ ଅଧୀନରେ କୌଣସି ସିଭିଲ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ହୋଇଥିବା କିମ୍ବା ନ୍ୟାୟାଳୟଠାରୁ ପ୍ରଶାସନ ପ୍ରମାଣପତ୍ର ପାଇଥିବା କୌଣସି ଅଭିଭବକ ଯେପରି ବିହିତ ହୋଇପାରେ ତାହା ବ୍ୟତିରେକେ ଏହି ଅଧିନିୟମର ଏବଂ ତଦ୍ଧୀନ ପ୍ରଣୀତ ନିୟମାବଳୀର ଉପବନ୍ଧମାନଙ୍କର ଏପରି ବଶବର୍ତ୍ତୀ ରହିବ ସତେ ଯେପରିକି ସେ ଅଧ୍ୟାୟ II ଅଧୀନରେ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ବା ଘୋଷିତ ହୋଇଛନ୍ତି ।

52. ନିରସିତ ।

53. ନିରସିତ ।

ଅନୁସୂଚୀ—ନିରସିତ ।